ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.256 Bhubaneswar Thursday December 01 2022 | ୨୫ତମ ବର୍ଷ ସଂଖ୍ୟା–୨୫୬ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୦୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


# କୁଆଡ ଗଲା ୨୦ ହଜାର ତାଳପତ୍ର ପୋଥି ?

ଭୁବନେଶ୍ୱର,୩୦।୧୧(ପି.ଏନ) : ରାଜ୍ୟ ସଂଗ୍ରହାଳୟରୁ କୁଆଡ ? ଗଲା ୨୦ ହଜାର ତାଳପତ୍ର ପୋଥି ? ୨୦୧୪ରେ ୪୦ ହଜାର ତାଳପତ୍ର ପୋଥି ଥିବା ମ୍ୟୁଜିୟମ୍ ୱେବେସାଇଟରେ ଉଲ୍ଲେଖ ଥିଲା। ହେଲେ, ୨୦୧୬-୧୭ ଅଡିଟରେ ସଂଗ୍ରହାଳୟରୁ ମିଳିଛି ମାତ୍ର ୨୦ ହଜାର ପୋଥି। ୨୦୦୩ରେ ସାରା ଦେଶରେ ଆରମ୍ଭ ହୋଇଥିଲା ଜାତୀୟ ପୋଥି ମିଶନ୍। ଜାତୀୟ ପୋଥି ମିଶନ୍ ଆରମ୍ଭ ବେଳେ ସଂଗ୍ରହାଳୟରେ ଥିଲା ୪୦ ହଜାର ପୋଥି। ସୂଚନା ଅଧିକାର ଆଇନରୁ ଜଣାପଡିଲା ୨୦ ହଜାର ତାଳପତ୍ର ପୋଥି ଏବେ ଗାଏବ !ତେଣୁ ସୃଷ୍ଟି ହୋଇଛି ପ୍ରଶ୍ନବାଚ୍ୀ। ରାଜ୍ୟ ସଂଗ୍ରହାଳୟରୁ କ'ଣ ଚୋରି ହୋଇଯାଉଛି ବହୁ ଦୁର୍ମୂଲ୍ୟ ଓ ଦୁର୍ଲଭ ତାଳପତ୍ର ପୋଥି ? ସାରା ବିଶ୍ୱରେ ଓଡିଶାର ଭୁବନେଶ୍ୱରରେ ଅବସ୍ଥାପିତ ରାଜ୍ୟ ସଂଗ୍ରହାଳୟରେ ସର୍ବାଧିକ ତାଳପତ୍ର ପୋଥି ରହିଛି ବୋଲି କୁହାଯାଏ। ମାତ୍ର ଏଥିରୁ ଅନେକ ତାଳପତ୍ର ପୋଥି ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ବିଦେଶକୁ ଚାଲାଣ ହୋଇଯାଇଛି ବୋଲି ଅନେକ ବିଶେଷଜ୍ଞ କୁହନ୍ତି। ଦେଖନ୍ତୁ ୨୦୧୪ ମସିହାରେ ରାଜ୍ୟ ସଂଗ୍ରହାଳୟର ୱେବସାଇଟରେ ଦିଆଯାଇଥିବା ଏହି ତଥ୍ୟ । ରାଜ୍ୟ ସଂଗ୍ରହାଳୟରେ ପ୍ରାୟ ୪୦ ହଜାର ପୋଥି ଥିବା ଏଥିରେ ଉଲ୍ଲେଖ ରହିଛି। ୨୦୦୩ରେ ସାରା ଦେଶରେ ଜାତୀୟ ପୋଥି ମିଶନ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଏଠାରେ ୨୦୧୪ରେ ଇ-ପୋଥି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ




ପଟ୍ଟନାୟକ। ତେବେ ଆମେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବାରୁ ଜଣାପଡିଲା ଯେ- ରାଜ୍ୟ ସଂଗ୍ରହାଳୟରେ ଶେଷ ଥର ପାଇଁ ୨୦୧୬-୧୭ରେ ଅଡିଟ ହୋଇଥିଲା ଓ ଏଥରୁ ସଂଗ୍ରହାଳୟରେ କେବଳ ପ୍ରାୟ ୨୦ ହଜାର ତାଳପତ୍ର ପୋଥି ଓ ୫୦ ହଜାର କଳାକୃତି ଗଚ୍ଛିତ ରହିଥିବା ଜଣାପଡିଛି। ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କୁହନ୍ତି, 'ବିଦେଶକୁ ତାଳପତ୍ର ପୋଥି ଚୋରାରେ ଯାଉଥିବା ମୁଁ ଜାଣିଛି। ଏ ନେଇ ବିଦେଶରେ ବି ମୁଁ କଥାବାର୍ତ୍ତା ଶୁଣିଛି। କଲେଜମାନଙ୍କରେ କିଛି ଅଧ୍ୟାପକ ପ?ିବାକୁ ପୋଥି ନେଇ ଫେରାନ୍ତି ନାହିଁ। ଆଉ କିଛି ବି ବହୁ ମୂଲ୍ୟରେ ଚୋରି ହୁଏ। ପୋଥି ଚୋରି ପାଇଁ ଆମେ ସମସ୍ତେ ଦାୟୀ।'ସଂସ୍କୃତିବିତ୍ ପ୍ରଦ୍ୟୁମ୍ନ ଶତପଥୀ କୁହନ୍ତି, ବ୍ରିଟିଶ ସରକାର ସମୟରୁ ତାଳପତ୍ର ପୋଥି ଚୋରି ହେଉଥିଲା। ୧୯୨୫ ମସିହାରେ ଜଗବନ୍ଧୁ ସିଂହ ତାଙ୍କ 'ପ୍ରାଚୀନ ଉତ୍କଳ'ରେ ତାଳପତ୍ର ପୋଥି ଚୋରି କଥା ଲେଖିଛନ୍ତି। ୧୯୫୬ ମସିହାରେ ସଚ୍ଚି ରାଉତରାୟ ବି ତାହା କହିଥିଲେ, ଯାହା ଓଡିଶା ସାହିତ୍ୟ ଏକାଡ ?ମୀ ମୁଖପତ୍ର 'କୋଣାର୍କ'ରେ ପ୍ରକାଶ ହୋଇଥିଲା। ଯେଉଁ ପୋଥି ଆମ ଓଡିଆଙ୍କ ପାଇଁ ମୂଲ୍ୟହୀନ, ତାହା ଆନ୍ତର୍ଜାତିକ ବଜାରରେ ହଜାର ହଜାର କୋଟି ଟଙ୍କା। ଓଡିଶାରେ ଗୋଟିଏ ଜାଗ୍ରତ ଜନମତ ନଥିବାରୁ ଏ ଜାତି ତାର ନିଜ ବିଭବକୁ ଚିହ୍ନିପାରିଲା ନାହିଁ।୨୦୦୧ରୁ ୨୦୧୧ ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ତଥା ଜାତୀୟ ପୋଥି ମିଶନର ପ୍ରଥମ ପ୍ରକଳ୍ପ ସଂଯୋଜକ ଥିଲେ ଡ. ଚନ୍ଦ୍ରଭାନୁ ପଟେଲ। ରାଜ୍ୟ ସଂଗ୍ରହାଳୟରୁ ପ୍ରକାଶ ପାଉଥିବା 'ଓଡିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ'ରେ ମଧ୍ୟ ସଂଗ୍ରହାଳୟର ରେକର୍ଡ ମୁତାବକ ୩୭, ୨୭୩ଟି ତାଳପତ୍ର ପୋଥି ବା ପ୍ରାୟ ୪୦ ହଜାର ପୋଥି ରହିଥିବା କଥା ଉଲ୍ଲେଖ ରହିଛି। ଦୁଇ ଦୁଇଟି ତଥ୍ୟ ପୋଥି ସଂଖ୍ୟାକୁ ନେଇ ସ୍ପଷ୍ଟ ତଥ୍ୟ ଦେଇଥିବା ବେଳେ ପରବର୍ତ୍ତି ସମୟରେ ଏହା କମିଗଲା କିପରି ? ପ୍ରାୟ ୨୦ ହଜାର ତାଳପତ୍ର ପୋଥି କମିବା ପଛର କାରଣ କଣ ? ଏନେଇ ଆମେ ସଂସ୍କୃତି ନିର୍ଦ୍ଦେଶକ ରଂଜନ ଦାସ ଓ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲଙ୍କୁ ସାକ୍ଷାତ କରିଥିଲୁ। ଅଧୀକ୍ଷକ ମଲ୍ଲ କହିଥିଲେ, ଗୋଟିଏ ଗୋଟିଏ ବଣ୍ଡଲରେ ଏକାଧିକ କାବ୍ୟକବିତା ରହିଛି। ତେଣୁ ସଂଖ୍ୟାରେ ଏତେ ପ୍ରଭେଦ ଦେଖାଦେଉଛି। ତେବେ ଏ ନେଇ କ୍ୟାମେରା ଆଗରେ ଉଭୟ କୌଣସି ପ୍ରତିକ୍ରିୟା ଦେଇନଥିଲେ। ୧୯୩୨ ମସିହାରେ କଟକ ରେଭେନସା କଲେଜରେ କିଛି ଇତିହାସ ପ୍ରେଫସରଙ୍କ ଦ୍ୱାରା ରାଜ୍ୟ ସଂଗ୍ରହାଳୟର ଉତ୍ପତ୍ତି ହୋଇଥିଲା। ପରେ ହରେକୃଷ୍ଣ ମହତାବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୬୦ ମସିହାରେ ରାଜ୍ୟ ସଂଗ୍ରହାଳୟ ଭୁବନେଶ୍ୱର କଳ୍ପନାଛକର ନୂଆ ବିଲଡିଂକୁ ସ୍ଥାନାନ୍ତର ହୋଇଥିଲା। ଏହି ସଂଗ୍ରହାଳୟରେ ୨୭ଟି ବିଭାଗରେ ବେଦ, ତନ୍ତ୍ର, ଗଣିତ, ଶିଳ୍ପଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେ?ଦ, କେବଳ ଓଡିଆ ନୁହେଁ, ବିଭିନ୍ନ ଭାଷାର ପୁରାଣ, ସାହିତ୍ୟ ଭଳି ଦୁର୍ଲଭ ତାତ୍ତ୍ୱିକ ସଂପତ୍ତି ରହିଛି। ଓଡିଆ ସାରଳା ମହାଭାରତ, ଭାଗବତ, ରାମାୟଣ, ଗୀତଗୋବିନ୍ଦଠାରୁ ଆରମ୍ଭ କରି ଉପେନ୍ଦ୍ର ଭଂଜଙ୍କ କୃତି ପର୍ଯ୍ୟନ୍ତ ତାଳପତ୍ର ପୋଥି ରହିଛି। ପ୍ରାୟ ଦେ? ଶହ ବର୍ଷ ତଳେ ଅନେକ ୟୁରୋପୀୟ ବିଦ୍ୱାନ ଓଡିଆ ତାଳପତ୍ର ପୋଥି ପ୍ରତି ଆକୃଷ୍ଟ ହେବା ସହ ଏ ନେଇ ବ୍ୟାପକ ଗବେଷଣା କରିଥିଲେ। ଏବେ ସଂଗ୍ରହାଳୟରେ ବିଭିନ୍ନ ଆକୃତିର ହଜାର ହଜାର ଚିତ୍ରିତ ପୋଥି ରହିଥିବା ବେଳେ ବିଦେଶରେ ମଧ୍ୟ ଏହାର ଯଥେଷ୍ଟ ଚାହିଦା ରହିଛି।

# ଡିସେମ୍ବର ୨୦ ଯାଏଁ ଆନ୍ଦୋଳନ ସ୍ଥଗିତ ରଖିଲେ ଶିକ୍ଷକ

ଭୁବନେଶ୍ୱର,୩୦।୧୧(ପି.ଏନ): ତିନି ଦିନ ଧରି ରାଜଧାନୀରେ ରଣହୁଙ୍କାର ଦେଇଥିବା ଶିକ୍ଷକମାନେ ଆଜି ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖିଛି ପ୍ରାଥମିକ ଶିକ୍ଷକ ସଂଘ। ୧୬ରୁ ୨୦ ତାରିଖ ଭିତରେ ଦାବି ପୂରଣ ନହେଲେ ୨୧ ତାରିଖରୁ ପୁନର୍ବାର ଆନ୍ଦୋଳନକୁ ତୀବ୍ରତର କରାଯିବ। ସମୁହ ଛୁଟିରେ ଯିବୁ ବୋଲି ସଂଘ ଧମକ ଦେଇଛି।ସଂଘ କର୍ମକର୍ତ୍ତାଙ୍କ କହିବା ଅନୁସାରେ ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ସହିତ ଶିକ୍ଷକମାନେ ଆଲୋଚନା କରିଥିଲେ। ମାତ୍ର କୌଣସି ନିଷ୍କର୍ସ ବାହାରି ପାରିନଥିଲା। ଆଜି ପୁଣି ଥରେ ଆନ୍ଦୋଳନରତ ଶିକ୍ଷକମାନେ ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଦାବି ସମାଧାନ ପାଇଁ




ମୁଖ୍ୟଶାସନ ସଚିବ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଯେଉଁ କମିଟିର ଅଧକ୍ଷ ଅଛନ୍ତି ମୁଖ୍ୟଶାସନ ସଚିବ। ଉନ୍ନୟନ କମିଶନର, ଅର୍ଥ ସଚିବ ଓ ଗଣଶିକ୍ଷା ସଚିବ ସଦସ୍ୟ ରହିବେ। ଡିସେମ୍ବର ୧୬ରୁ ୨୦ ତାରିଖ ଭିତରେ ଦାବି ସମାଧାନ କରିବାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ।ପ୍ରତିଶ୍ରୁତି ମିଳିବା ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଏକ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ଦେଇଥିବା ପ୍ରତିଶ୍ରୁତିକୁ ମାନିବା ପାଇଁ ସମସ୍ତେ ରାଜି ହୋଇଥିଲେ। ୨୦ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୨୧ ତାରିଖରୁ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ପ୍ରାଥମିକ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି।

# ମହର୍ଷି ପବ୍ଲିକ ସ୍କୁଲର ବାର୍ଷିକ କ୍ରିଡା ଉତ୍ସବ ପାଳିତ



ବାରିପଦା,୩୦।୧୧(ପି.ଏନ):ବାରିପଦା ବାଘଡାରୋଡ ସ୍ଥିତ ମହର୍ଷି ପବ୍ଲିକ ସ୍କୁଲର ୧୯ତମ ବାର୍ଷିକ କ୍ରିଡା ଉତ୍ସବ ସ୍ଥାନୀୟ ଷ୍ଟାଡିୟମ ଠାରେ ଦୁଇଦିନ ଧରି ପାଳିତ ହୋଇଯାଇଛି । ସ୍କୁଲର ସଭାପତି ଶ୍ରୀଯୁକ୍ତ ପ୍ରଦୀବ ନାୟକ ପ୍ରଥମ ଦିନ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟିତ କରିଥିଲେ । ପ୍ରାରମ୍ଭରେ ପିଲାଙ୍କ ଦ୍ୱାରା ଗୁରୁପୂଜନ ମନ୍ତ୍ରର ପାଠ , ଜାତୀୟ ସଂଗୀତ ଓ ଉଦଘାଟନୀ ସଂଗୀତ ଗାନ କରାଯାଇ ସ୍କୁଲର ପତାକା ଦେଖାଇ ଖେଳ ଆରମ୍ଭ ହୋଇଥିଲା । ବିଭିନ୍ନ ବିଭାଗରେ ବିଦ୍ୟାଳୟ ର ୫୦୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ପିଲାଙ୍କୁ ତିନୋଟି ଖେଳରେ ଭାଗ ନେବାକୁ ସୁଯୋଗ ଦିଆଯାଇଥିବା ବେଳେ, ପ୍ରତ୍ୟେକ ବିଭାଗ ରୁ ଉତ୍ତମ ପ୍ରଦର୍ଶନ କରିଥିବା ୧୪୧ ଜଣ ଛାତ୍ରଛାତ୍ରୀ ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଛନ୍ତି ।ବିଦ୍ୟାଳୟର କ୍ରିଡା ଶିକ୍ଷୟତ୍ରୀ ମୋନା ଦାସ ଓ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ କାଜଲ କାନ୍ତି ମହାପାତ୍ର ଙ୍କ ତତ୍ତ୍ୱାବଧାନରେ, କ୍ରିଡା ପରିଚାଳିତ ହେବା ସହ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ସହକାରୀ କର୍ମଚାରି ସହଯୋଗ କରିଥିଲେ । ଶେଷରେ ଉଦଯାପିତ ଉତ୍ସବରେ ସ୍କୁଲର କର ସାର, ସମସ୍ତ ଅଭିଭାବକମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ଉତ୍ତମ ଛାତ୍ର ଗଠନ ନିମନ୍ତେ ଶିକ୍ଷା ସହିତ କ୍ରିଡାର ଆବଶ୍ୟକତା ଅଛିବୋଲି ମତ ଦେଇ, ବାର୍ଷିକ ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ଓଆରଏଚଡିସି ଦୁର୍ନୀତି ମାମଲାରେ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର,୩୦।୧୧(ପିଏନ):ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ(ଓଆରଏଚଡିସି) ଋଣ ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ପୁଣି ସଜା ଶୁଣାଇଛନ୍ତି ଭିଜିଲାନ୍ସ କୋର୍ଟ। ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି ଭିଜିଲାନ୍ସ କୋର୍ଟ । ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ ଜେଲଦଣ୍ଡ ମିଳିବ ।ଏହି ମାମଲାର ଶୁଣାଣି କରି ବୁଧବାର ଦିନ ଭିଜିଲାନ୍ସ କୋର୍ଟ ୬ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ, ପୂର୍ବତନ ଆଇଏଏସ୍ ତଥା ଓଆରଏଚ୍ ଡିସିର ତତ୍କାଳୀନ ଏମ୍‌ଡି ବିନୋଦ କୁମାର, କଂପାନି ସଚିବ ସ୍ୱସ୍ତିରଂଜନ ମହାପାତ୍ର, ଜୁନିଅର ଲୋନ୍ ଅଫିସର ସତ୍ୟପ୍ରକାଶ ବେହେରା, ଆସିଷ୍ଟାଂଟ ସିଷ୍ଟମ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ, ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ରାୟ ଓ ଭୂମିକା ବିଲ୍ଡରସ୍ ପ୍ରାଇଭେଟ ଲିମିଟେଡର ଅଂଶୀଦାର ବିଭୂତି ଭୂଷଣ ସ୍ୱାଇଁ।

# ବିଧାନସଭାରେ ପ୍ରଶ୍ନ ପଚାରିଲେ ସଠିକ ଉତ୍ତର ମିଳୁ ନ ଥିବାରୁ ଉଦବେଗ

ଭୁବନେଶ୍ୱର,୩୦।୧୧(ପି.ଏନ): ବିଧାନସଭାରେ ଯାହା ପ୍ରଶ୍ନ ପଚାରା ଯାଉଛି ତାର ସଠିକ ଉତର ମିଳୁ ନାହିଁ। ଅନେକ ସମୟରେ ଭୁଲ ସୂଚନା ମିଳୁଛି । ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଠାରୁ ବିଧାୟକ ମାନଙ୍କୁ ଯେଉଳି ପ୍ରଟେକ୍ସନ ମିଳିବା କଥା ତାହା ମଧ୍ୟ ମିଳୁ ନାହିଁ ବୋଲି ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଏହା ସହ ସେ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଛନ୍ତି ଯେ ସେ ଗତ ୨୪ ତାରିଖ ଦିନ ଏକ ପ୍ରଶ୍ନ କରିଥିଲେ ଯେ ଭୂମିହୀନ ଚାଷୀଙ୍କ ସଂଜ୍ଞା କଣ । ହେଲେ ଯେତେବେଳେ ପ୍ରଶ୍ନର ଉତର ଆସିଲା ସେଥିରେ ଉଲ୍ଲେଖ ଥିଲା ଯେ ଭୂମି ହୀନ ବ୍ୟକ୍ତିଙ୍କ ସଂଜ୍ଞା ଆଇନ ଅନୁସାରେ ରହିଛି । ଶ୍ରୀ ମିଶ୍ର କହିଥିଲେ ଯେ ସେ ଭୂମିହୀନ ଚାଷୀଙ୍କ ବିଷୟରେ ପଚାରିଥିଲେ ହେଲେ ବିଭାଗୀୟ ମନ୍ତ୍ରୀ ଏହାର ଉତର ଦେବା ପରିବର୍ତେ ଭୂମିହୀନ ବ୍ୟକ୍ତିଙ୍କ ବିଷୟରେ କହିଲେ। ଏଭଳି ହେଲେ ପ୍ରଶ୍ନ ପଚାରିବାର କଣ ଲାଭ ରହିଛି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ସେହିପରି ସେ ସ୍ୱାସ୍ଥ୍ୟ ବିଭାଗ ଠାରୁ ଚୁଡାପାଲୀ ଡାକ୍ତରଖାନାରେ ଅନୁମୋଦିତ ପୋଷ୍ଟ ଓ କେତେ ଜଣ ଡାକ୍ତର ବର୍ତମାନ ଅଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଉତର ଆସିଲା ସେଥିରେ କୁହାଗଲା ଯେ ଏହି ହସପିଟାଲରେ ମଂଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୧୫ ।

# ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଏକ ଜାତୀୟ ଆଲୋଚ୍ନାଚ୍କ୍ର ସମାପନ

ବଡଚ୍ଣା,୩୦।୧୧(ପି.ଏନ):ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଏକ ଜାତୀୟ ଆଲୋଚ୍ନା ଚ୍କ୍ର ସମାପନ ହୋଇଯାଇଛି । ଏହି ଆଲୋଚ୍ନା ଚ୍କ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ପ୍ରୋ ଯୁଧିଷ୍ଠିର ସାହୁ ମହୋଦୟ ବ୍ୟାକରଣର ପରମ୍ପରା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବ୍ୟାକରଣର ପରମ୍ପରା ବିଷୟରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚ୍ନା କରିଥିଲେ । ଏବଂ ମହାବିଦ୍ୟାଳୟର ଅଧକ୍ଷ ଡଃ ମନୋଜ କୁମାର ଦାସ ମହୋଦୟ ଅତିଥି ପରିଚ୍ୟ ପ୍ରଦାନ




କରିବା ସହ ଛାତ୍ରଛାତ୍ରୀମାନଙ୍କ ମଙ୍ଗଳ କାମନା କରିଥିଲେ । ବିଭାଗ ଅଧକ୍ଷା ଶ୍ରୀମତୀ ସାଗରିକା ମହାପାତ୍ର ମହୋଦୟା ଅତିଥି ସମ୍ବର୍ଦ୍ଧନା କରିଥିଲେ । ବିଭାଗର ଅଧ୍ୟାପକ ଡଃ ଶ୍ୟାମ ସୁନ୍ଦର ବେହେରା ମହୋଦୟ ସମସ୍ତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଅଧାପିକା ଗୀତାଞ୍ଜଳି ସେଠୀ ମହୋଦୟା ଧନ୍ୟବାଦ ଅର୍ପଣ କରିଥିଲେ ।

# ପଦ୍ମପୁରରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସେଂଟ୍ରାଲଫୋର୍ସ ମୁତୟନ ହେଉ :ବିଜେପି

ଭୁବନେଶ୍ୱର,୩୦।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ଦ୍ୱାରା ବଢୁଥିବା ହିଂସା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଉପନିର୍ବାଚନକୁ ନିଜ ସପକ୍ଷରେ ନେବା ପାଇଁ ଶାସକ ଦଳ ହିଂସା ଓ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ଷଡଯନ୍ତ୍ର କରିଛି। ଲାଞ୍ଜିଗଡର ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ବନ୍ଧୁକ ଦେଖାଇ, ଧମକାଇ ବିଜେପି କାର୍ଯ୍ୟକର୍ତ୍ତା ଦିଲୀପ ସେନାପତିଙ୍କୁ ଝାରବନ୍ଧ କୋଠଗୁଡାଠାରେ ଅପହରଣ କରିଛନ୍ତି ଏବଂ ପରବର୍ତୀ ସମୟରେ ତାଙ୍କୁ ମାରପିଟ୍ କରି ଫିଙ୍ଗିଦେଇ ପଳାଇଛନ୍ତି। ଦୀର୍ଘ ସମୟ ପରେ ଅଧମରା ଅବସ୍ଥାରେ ଦିଲୀପ ସେନାପତି ମିଳିଲା ପରେ ତାଙ୍କୁ ରାୟପୁର ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ପୋଲିସରେ ଏଫଆଇଆର ଦେବା ସତ୍ତ୍ୱେ ଏଯାଏଁ ପୋଲିସ ଏଫଆଇଆର ରେଜିଷ୍ଟର କରିନାହିଁ ଏବଂ ଆକ୍ରମଣକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପୋଲିସ ଉର୍ଦ୍ଦେଶମୂଳକ ଭାବେ ବିଜେଡି ପାଇଁ କାର୍ଯ୍ୟକରୁଛି ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସମାନ୍ତସିଂହାର କହିଛନ୍ତି।ପାଇକମାଳ ବ୍ଲକ ଦାୟିତ୍ୱରେ ଥିବା ମନ୍ତ୍ରୀ ନବ ଦାଶ ନିର୍ବାଚନ ଘୋଷଣା ହେବାର ୫ଦିନ ପୂର୍ବରୁ ପାଇକମାଳ ପୋଲିସ ଆଇଆଇସିଙ୍କୁ ବଦଳି କରି ତାଙ୍କ ଅଂଚଳର (ଝାରସୁଗୁଡା) ଜଣେ ଆଇଆଇସିଙ୍କୁ ସେଠାରେ ପୋଷ୍ଟିଂ କରିଛନ୍ତି। ଏହି ଆଇଆଇସି ଏବେ ନବ ଦାଶଙ୍କ ଇଙ୍ଗିତରେ ବିଜେପି ସପକ୍ଷରେ କାମ କରୁଥିବା ବ୍ୟକ୍ତିମାନଙ୍କ ନାଁରେ ମିଛ କପୋଳକଳ୍ପିତ ଏଫଆଇଆର ଦର୍ଜ କରି ତାଙ୍କୁ ହଇରାଣ ହରକତ କରିବାରେ ଲାଗିଛନ୍ତି। ଏହି ଆଇଆଇସି ନିରୀହ କେନ୍ଦୁପତ୍ର ତୋଳାଳିଙ୍କୁ ମଧ୍ୟ ବାଧ୍ୟ କରି କେନ୍ଦୁପତ୍ର ସିଜନାଲ ଷ୍ଟାପ୍ ନାଁରେ ମିଛ ଏଫଆଇଆର ସୃଷ୍ଟି କରିଛନ୍ତି। ଯେହେତୁ କେନ୍ଦୁପତ୍ର ତୋଳାଳିଙ୍କ ମହାସଂଘର ସଚିବ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ପ୍ରଦୀପ ପୁରୋହିତ ଅଛନ୍ତି ତାଙ୍କ ସଂଘ ଭିତରେ ଫାଟ ସୃଷ୍ଟି କରିବା ପାଇଁ ଏହିପରି କରାଯାଇଛି। କିଛି ଲୋକ ନିଜକୁ କେନ୍ଦୁପତ୍ର ସିଜନାଲ ଷ୍ଟାପ କହି ଟଙ୍କା ବାଂଟି ଧରାପଡିଥିବାବେଳେ ପୋଲିସ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଚିନ୍ତା ସୃଷ୍ଟି କରିଛି। ପୋଲିସର ଏଭଳି ପକ୍ଷପାତିତାକୁ ନେଇ ଡ. ଲେଖାଶ୍ରୀଙ୍କ ତତ୍ତ୍ୱାବଧାନରେ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓଙ୍କ)ଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ପଦ୍ମପୁର ଉପନିର୍ବାଚନ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ କରାଯାଉ।

# ସାବିତ୍ରୀ ପାଇଁ ଭାଇ ପଠାଇଥିଲେ ମନିଅର୍ଡର, ସାଢ଼େ ୪ ବର୍ଷ ପରେ ପାଇଲେ ଭଉଣୀ

କୋଇଡା ୩୦।୧୧(ପି.ଏନ): ଧନ୍ୟ ଆମ ଡାକ ସେବା। ସାଢ଼େ ୪ ବର୍ଷ ତଳେ ସାବିତ୍ରୀ ବ୍ରତ ପାଇଁ ଭାଇ ପଠାଇଥିଲେ ୫୦୦ ଟଙ୍କାର ମନି ଅର୍ଡର। ହେଲେ ୧୦୦ କିମି ଦୂରରେ ରହୁଥିବା ଭଉଣୀଙ୍କ ପାଖରେ ମନି ଅର୍ଡର ୨୦୨୨ ମସିହା ନଭେମ୍ବର ମାସରେ ପହଞ୍ଚିଥିଲା। ଏପରି ଖବର ଆସିଛି ସୁନ୍ଦରଗଡ ଜିଲ୍ଲା ଟେନ୍ସା ଅଞ୍ଚଳରୁ।ଷ୍ଟିଲ୍ ସିଟି ରାଉରକେଲାରେ ରହୁଛନ୍ତି ପ୍ରମୋଦ ପ୍ରଧାନ। ସେ ସାବିତ୍ରୀ ପାଇଁ ଟେନ୍ସାରେ ରହୁଥିବା ତାଙ୍କ ଭଉଣୀ ସୁମିତ୍ର ବିଶ୍ୱାଳଙ୍କ ପାଖକୁ ୨୦୧୮ ମସିହା ମେ' ମାସ ୯ ତାରିଖରେ ୫୦୦ ଟଙ୍କା ମନିଅର୍ଡର ପଠାଇ ଥିଲେ। ସେ ରାଉରକେଲା ସେକ୍ଟର-୧୯ ପୋଷ୍ଟ ଅଫିସ୍ ?ରୁ ମନିଅର୍ଡର କରିଥିଲେ। ଯାହାର ଇଏମ୍ ?ଓ ନମ୍ବର ହେଉଛି ୦୯୧୦୯୭୨୫୮୫୭୦୪୬୦୦୧୦। ସାବିତ୍ରୀରେ ମନିଅର୍ଡର ପହଞ୍ଚି ଯାଇଛି ବୋଲି ଭାବିଥିଲେ ପ୍ରମୋଦ। ହେଲେ ମନିଅର୍ଡର ପହଞ୍ଚିନଥିଲା।୨୦୧୮ ସାବିତ୍ରୀ ବ୍ରତ ପରେ ବହୁବାର ସୁମିତ୍ରା




ନିଜ ଭାଇଙ୍କ ପାଖକୁ ଆସିଛନ୍ତି। ଦୁଃଖ ସୁଖ ହୋଇଛନ୍ତି। ହେଲେ ସାବିତ୍ରୀ ପଇସା ପାଇନଥିବା କେବେ କହିନାହାନ୍ତି। ତେବେ ହଠାତ୍ ୨୦୨୨ ମସିହା ନଭେମ୍ବର ୨୬ ତାରିଖରେ ଘରେ ପହଞ୍ଚିଲା ମନି ଅର୍ଡର। ମନିଅର୍ଡର ଟଙ୍କା ପାଇ ଭଉଣୀ, ଭାଇଙ୍କ ପାଖକୁ ଫୋନ୍ କରି ଜଣାଇଥିଲେ। ସାଢ଼େ ୪ ବର୍ଷ ତଳେ ସାବିତ୍ରୀ ଓଷା ପାଇଁ ସେ ୫୦୦ ଟଙ୍କା ମନିଅର୍ଡରରେ ପଠାଇଥିବା କହିଥିଲେ।ସାଢ଼େ ୪ ବର୍ଷ ପରେ ମନି ଅର୍ଡର ପହଞ୍ଚିବାକୁ ନେଇ ସୁମିତ୍ରା କହିଛନ୍ତି, ୨୦୧୮ ମସିହାରେ ଭାଇ ଟଙ୍କା ପଠାଇଥିଲେ ୨୦୨୨ରେ ପାଉଛି। ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି। ଡାକ କର୍ମଚାରୀଙ୍କ ଅବହେଳା ପାଇଁ ଏମିତି ହୋଇଛି ବୋଲି ସେ କହିଛନ୍ତି ।ବିଳମ୍ବରେ ମନି ଅର୍ଡର ପହଞ୍ଚିବାକୁ ନେଇ ଡାକ ବିଭାଗର କର୍ମଚାରୀ କହିଛନ୍ତି, ମାସେ ତଳେ ଏଠାରେ ନିଯୁକ୍ତି ପାଇଛି। ପେଣ୍ଡିଂ ଥିବା ଦେଖି ମନି ଅର୍ଡରଟି ଦେଇ ଆସିଲି ବୋଲି ସେ କହିଛନ୍ତି ।ତେବେ ଏଠି ପ୍ରଶ୍ନ ଉଠୁଛି, ମନିଅର୍ଡର ଘରେ ପହଞ୍ଚାଇବା ପାଇଁ ଚାର୍ଜ ନେଉଛି ଡାକ ବିଭାଗ। ଏହା ସତ୍ତ୍ୱେ ମନିଅର୍ଡର ପହଞ୍ଚିବା ପାଇଁ ଲାଗିଗଲା ସାଢ଼େ ୪ ବର୍ଷ। ତାହାହେଲେ ଅନ୍ୟ ଚିଠିର ଅବସ୍ଥା କ'ଣ ରହିଛି ଚାକିରି ନିଯୁକ୍ତି ସମ୍ପର୍କିତ ଚିଠି ଗୁଡିକୁ ଡାକ ବିଭାଗ ଠିକ୍ ? ସମୟରେ ଘରେ ପହଞ୍ଚାଉଛି ତ ସାଢ଼େ ୪ ବର୍ଷରେ ମନି ଅର୍ଡର ପହଞ୍ଚିବା ପରେ ଏବେ ସାଧାରଣରେ ଏମିତି ନାନା ସନ୍ଦେହ ସୃଷ୍ଟି ହେଉଛି। ଏପରିକି ଡାକ ବିଭାଗ ଉପରୁ ଲୋକଙ୍କ ଭରସା ତୁଟୁଛି ବୋଲି ମତ ପ୍ରକାଶ ପାଉଛି।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଅବଧି ମାସେ ବଢିଲା

ଭୁବନେଶ୍ୱର, ୩୦।୧୧(ପି.ଏନ): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ଗାଡି ଚାଳକଙ୍କୁ ପୁଣି ମାସେ ମହଲତ ମିଳିଛି । ଯେଉଁ ସବୁ ଗାଡ଼ିର ନମ୍ବର ପ୍ଲେଟ୍ ର ଶେଷ ଅଙ୍କ ୧, ୨, ୩, ୪ ରହିଛି, ଉକ୍ତ ଗାଡ଼ିଗୁଡ଼ିକର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଅବଧିକୁଡିସେମ୍ବର ୩୧ ଯାଏଁ ବୃଦ୍ଧି କରାଯାଇଛି। ଡିସେମ୍ବର ୩୧ ଯାଏଁ ସମୟସୀମା ବୃଦ୍ଧି ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର । ଏହି ସମୟସୀମା ମଧ୍ୟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ବୁକିଂ ହୋଇଥିଲା କୌଣସି କାର୍ଯ୍ୟାନୁଷ୍ଠାନ ହେବନି ବୋଲି ବି ଉଲ୍ଲେଖ କରିଛନ୍ତି ରାଜ୍ୟ ସରକାର।

## ଏଏସ୍‌ଓ ପରୀକ୍ଷାକୁ ନେଇ ହାଇକୋର୍ଟରେ ପୁଣି ଏକ ମାମଲା

ଭୁବନେଶ୍ୱର, ୩୦।୧୧(ପି.ଏନ): ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଏଏସ୍‌ଓ ପରୀକ୍ଷାକୁ ନେଇ ହାଇକୋର୍ଟରେ ପୁଣି ଏକ ମାମଲା ହୋଇଛି। ଚୟନ ପାଇଁ ବିଷୟ ଭିତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦକୁ ଦାବି କରି ହାଇକୋର୍ଟରେ ସାନି ମାମଲା ଦାୟର କରିଛନ୍ତି କିଛି ପରୀକ୍ଷାର୍ଥୀ।

# ଜଣଙ୍କ ଜୀବନ ନେଲା ବିଏମ୍‌ସି ଅଳିଆ ଗାଡି

ଭୁବନେଶ୍ୱର,୩୦।୧୧(ପି.ଏନ): ବିଏମ୍‌ସି ଅଳିଆ ଗାଡ଼ି ଚକା ତଳେ ଚାଲିଗଲା ଜୀବନ। ଭୁବନେଶ୍ୱର ଭିଏସ୍ଏସ୍ ନଗର ଅଳିଆ ଗଦା ନିକଟରେ ଜଣେ ମହିଳାଙ୍କ ଉପରେ ଗାଡ଼ି ଚଢ଼ି ଯିବାରୁ ତାଙ୍କର ମୃତ୍ୟୁ ହୋଇଛି । ଅନ୍ୟଜଣେ ଗୁରୁତର ହୋଇଛନ୍ତି । ମୃତଦେହକୁ ରଖି ଭିଏସ୍ଏସ୍ ନଗର ସୈନିକ ସ୍କୁଲ ରାସ୍ତାକୁ ଅବରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସେଠାରେ ଚାପା ଉତ୍ତେଜନା ଦେଖାଦେଇଛି। ମୃତକ ଜଣକ ସ୍ଥାନୀୟ ବସ୍ତିର ସୁକାନ୍ତି ନାୟକ। ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା ।ସୁକାନ୍ତି ତାଙ୍କ ସମ୍ପର୍କୀୟଙ୍କ ସହ ଏକ ବାଇକ୍‌ରେ ଯାଉଥିବା ବେଳେ ପଛରୁ ଧକ୍କା ଦେଇଥିଲା ଟ୍ରକ୍। ଦୁର୍ଘଟଣା ପରେ ପ୍ରାୟ ୧୦୦ ମିଟର ଦୂରକୁ ମୃତ ଦେହ ଘୋଷାଡି ନେଇଥିଲା। ପ୍ରତିଦିନ ଭଳି ଭିଏସ୍ଏସ୍ ନଗର ଅଳିଆ ଗଦାରୁ ଏହି ଟ୍ରକ୍ ଅଳିଆ ନେଇ ଦାରୁଠେଙ୍ଗ ଯାଉଥିଲା। ଡ୍ରାଇଭରର ବେପରୁଆ ଗାଡି ଚାଳନା ପାଇଁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି । ସେପଟେ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଛି ।ଉତ୍ତେଜନା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଲୋକଙ୍କୁ ବୁଝାସୁଧା କରି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ହଟାଇବା ବେଳେ ବିରୋଧ ହୋଇଥିଲା। ଏଥିଯୋଗୁ ପୁଲିସ ମୃଦୁ ଲାଠି ଚାଳନା କରିଛି। ଉତ୍ତ୍ୟକ୍ତ ଲୋକେ ମଧ୍ୟ ପୁଲିସ ଉପରେ ଢେଲା, ପଥର ମାଡ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳ ରଣାଙ୍ଗନାରେ ପରିଣତ ହୋଇଛି। ସୂଚନା ଥାଉକି, ଏହା ଆଗରୁ ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ମଧ୍ୟ ଏପରି ଏକ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ପରେ ଲୋକଙ୍କ ପ୍ରବଳ ବିରୋଧକୁ ଦେଖି ବିଏମ୍‌ସି ମୃତକଙ୍କ ପରିବାର ଲକ୍ଷାଧିକ ଟଙ୍କା କ୍ଷତିପୂରଣ ଦେଇଥିଲା।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼। କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ


© Reuters

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# କୋଣାର୍କ ଉତ୍ସବର ଏକ ଆଲୋକପାତ



ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରାପ୍ତ ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟମନ୍ଦିର ଉତ୍କଳୀୟ କଳା, ସ୍ଥାପତ୍ୟ ଓ ସଂସ୍କୃତିର ଚରମ ନିଦର୍ଶନ । ଏହି ସୂର୍ଯ୍ୟ ମନ୍ଦିରର ପ୍ରତିଟି ଶିଳାଖଣ୍ଡ ସୂକ୍ଷ୍ମ କଳାଭାସ୍କର୍ଯ୍ୟରେ ଲାଗନ୍ତି ଜୀବନ୍ତ । ମନ୍ଦିର ଗାତ୍ରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟରୁ ଉତ୍କଳୀୟ ଧର୍ମ, ଶିକ୍ଷା, ସଂସ୍କୃତି ଓ ସାମାଜିକ ଜୀବନର ଚିତ୍ର ସ୍ପଷ୍ଟ ପ୍ରମାଣିତ । ମନ୍ଦିରରେ ସ୍ଥାପିତ ପାଷାଣୀ ନୃତ୍ୟାଙ୍ଗନା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଜୀବନ୍ତ ରୂପାୟନ; ଏହାକୁ ଦେଖି ପର୍ଯ୍ୟଟକ ମନ ହୁଏ ଆହ୍ଲାଦିତ, ପର୍ଯ୍ୟଟକଙ୍କୁ ମିଳିଥାଏ ଭରପୁର ଆନନ୍ଦ । କୋଣାର୍କର ସୂର୍ଯ୍ୟମନ୍ଦିରର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବର୍ଷତମାମ ବିଶ୍ୱର କୋଣ ଅନୁକୋଣରୁ ହଜାର ହଜାର କଳା ପିପାସୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ । ବିଶ୍ୱ ଦରବାରରେ ଭାରତର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ପରିଚିତ କରାଇବା ସହିତ ପର୍ଯ୍ୟଟନ ଶିଳ୍ପକୁ ଅଧିକରୁ ଅଧିକ ସମୃଦ୍ଧିଶାଳୀ କରିବାର ମହତ ଉଦ୍ଦେଶ୍ୟ ନେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧୯୮୯ ମସିହାରେ ଆରମ୍ଭ ହୋଇଥିଲା କୋଣାର୍କ ନୃତ୍ୟ ଉତ୍ସବ । ୧୯୮୫ ମସିହାରେ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପରେ ପ୍ରଥମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବର ଶୁଭ ଉଦ୍‌ଘାଟନ ଅବସରରେ ଓଡ଼ିଶାର ତତ୍କାଳୀନ



ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶରତ ରାଉତ ସରକାରୀ ସ୍ତରରେ ଏପରି ଏକ ଉତ୍ସବର ଆୟୋଜନ କରାଯିବ ବୋଲି ମଞ୍ଚଉପରୁ ଘୋଷଣା କରିଥିଲେ । ଏଥିନିମନ୍ତେ ପ୍ରସ୍ତାବିତ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ଏହାପରେ ସ୍ୱର୍ଗତଃ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଏହି ରଙ୍ଗମଞ୍ଚର କଳେବର ଓ ଦର୍ଶକ ଗ୍ୟାଲେରୀକୁ ପରିବର୍ଦ୍ଧିତ କରାଯାଇ ୨୫ ଶହ ଦର୍ଶକଙ୍କ ବସିବାର ବ୍ୟବସ୍ଥା ହୋଇଥିଲା । ଏହି ଉତ୍ସବକୁ ପ୍ରାଧାନ୍ୟ ଦେଇ ୧୯୯୩ ମସିହାରେ ବିଜୁବାବୁ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଉତ୍ସବର ପ୍ରସ୍ତୁତି ପରେ ବାଲିଦ୍ୱୀପର ରାଜା ସୁକର୍ଣ୍ଣ ଓ ତାଙ୍କ କନ୍ୟାଙ୍କୁ ଏହି ଉତ୍ସବକୁ ଅତିଥିରୂପେ ଆମନ୍ତ୍ରଣ କରିଥିଲେ । ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ବ୍ୟତିରେକେ ପରବର୍ତ୍ତୀ ଅବସ୍ଥାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ନୃତ୍ୟ ଉତ୍ସବର ନାମକୁ ପରିପୁଷ୍ଟ କରିଥିବା କାରଣରୁ ଏହି ଉତ୍ସବର ନାମ ପରିବର୍ତ୍ତନ କରାଯାଇ କୋଣାର୍କ ଉତ୍ସବ ରଖାଗଲା । ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୨୦୧୧ ମସିହାରୁ ଏଯାବତ୍ ଦେଶ ବିଦେଶର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କୁ ନେଇ ଆୟୋଜିତ ହୋଇଆସୁଛି



ବାଲୁକାକଳା ପ୍ରଦର୍ଶନୀ । ଏହି ଉତ୍ସବରେ ସାହିତ୍ୟ ଆସର ସାଙ୍ଗକୁ କବିତା ପାଠ ଉତ୍ସବ, ସାଇକଲଥୋନ, ଗଣଦୌଡ଼, ବେଳାଭୂମି ପଦଯାତ୍ରା, ପୁସ୍ତକ ମେଳା ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ଉତ୍ସବ ଅଧିକ ସମୃଦ୍ଧ ହେଉଛି । ୧୯୯୯ ମସିହା ଅକ୍ଟୋବର ମାସରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରଳୟଙ୍କରୀ ମହାବାତ୍ୟା ସଂଘଟିତ ହେବା ଯୋଗୁଁ କୋଣାର୍କ ଉତ୍ସବ ଅନୁଷ୍ଠିତ ହୋଇପାରି ନଥିଲା । ସେହିପରି ଗତ ୨୦୨୧ ମସିହାରେ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ୧ ଓ ୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଜୱାଦ ପାଇଁ ମଝି ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଯାଇଥିଲା । ବିଗତ ୩୨ ବର୍ଷ ଧରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ବିଗତ ୧୧ବର୍ଷ ଧରି ବାଲୁକା କଳା ପ୍ରଦର୍ଶନୀ କୋଣାର୍କ ଉତ୍ସବର ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟ ତଥା ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଚଳିତ ବର୍ଷ ଡିସେମ୍ବର ୧ରୁ ୫ ତାରିଖ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୩୩ତମ କୋଣାର୍କ ଉତ୍ସବ ଅତୀବ ଆକର୍ଷଣୀୟ ହେବ । ରଙ୍ଗମଞ୍ଚ ଓ ଏହାର ପରିପାର୍ଶ୍ୱକୁ ରଙ୍ଗବେରଙ୍ଗର ଆଲୋକମାଳା, ଫୁଲ, ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଓ ଚିତ୍ରପଟରେ ସଜାଯାଉଛି । ରଙ୍ଗମଞ୍ଚର ଦୁଇଟି ପ୍ରବେଶ ଦ୍ୱାର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସୁନ୍ଦର ତୋରଣମାନ ନିର୍ମାଣ କରାଯାଉଛି । ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ସମୟରେ ମଞ୍ଚର ଆଲୋକ ଓ ଧ୍ୱନି ବ୍ୟବସ୍ଥା ଉନ୍ନତମାନର ହୋଇଛି । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ଜଗତର ଖ୍ୟାତନାମା ଗୁରୁ ଓ ତାଙ୍କ ସହଯୋଗୀ ନୃତ୍ୟଶିଳ୍ପୀମାନେ ପାଞ୍ଚଦିନ ବ୍ୟାପୀ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶୀ, କଥକ, ମଣିପୁରୀ, ମୋହିନୀଆଟମ, ଭାରତନାଟ୍ୟମ ଓ କୁଚିପୁଡ଼ି ନୃତ୍ୟ ପରିବେଷଣ କରିବେ । ଡିସେମ୍ବର ୧ ତାରିଖ ସନ୍ଧ୍ୟା ୬ଟା ରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଏକ ଆକର୍ଷଣୀୟ ତଥା ଭବ୍ୟ ପରିବେଷଣରେ କୋଣାର୍କ ଉତ୍ସବ-୨୦୨୨ର ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ ହେବ । ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ମାଲେସିଆର କୁଲାଲାମ୍ପୁର ଦତ୍ତୁକା ରାମଲି ଇବ୍ରାହିମ୍ ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀର ନୃତ୍ୟଶିଳ୍ପୀ ଗୁରୁ କୁନ୍ଦନଲାଲ ଗାଙ୍ଗାନି ଫାଉଣ୍ଡେସନର ଗୁରୁ ରାଜେନ୍ଦ୍ର ଗାଙ୍ଗାନ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ । ସେହିପରି ଉତ୍ସବର ଦ୍ୱିତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ ମଣିପୁର ଜବାହରଲାଲ ନେହେରୁ ମଣିପୁର ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ମଣିପୁରୀ





ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ କଟକର ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ମିରା ଦାସ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର କୋଲକତା ମୟୁର ଲଳିତ ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ଦେବସ୍ମିତା ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଦଶାୟାମ ସେଣ୍ଟର ଫର ମୋହିନୀଆଟମ୍ ପକ୍ଷରୁ କାଳିମାମଣି ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇଙ୍ଗନା ସାଣ୍ଡା ଡ୍ୟାନ୍ସ କମ୍ପାନୀ ପକ୍ଷରୁ ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ସୁରଭି ଅନୁଷ୍ଠାନର ଗୁରୁ ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ୍ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ପ୍ରଭାତ କୁମାର ସ୍ୱାଇଁ ଓ ସାଥୀ ନୃତ୍ୟ ଶିଳ୍ପୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଶିବମୋହନମ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଜୟକିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ । କୋଣାର୍କ ଉତ୍ସବ-୨୦୨୨ ସମୟରେ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ଆୟୋଜିତ ହେବାକୁ ଯାଉଅଛି ୧୨ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨ । ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨ ଏଠାରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ ଯୋଗଦେଇ କଳା ପ୍ରଦର୍ଶନ କରିବେ । କୋଣାର୍କ ଉତ୍ସବ-୨୦୨୨ ଅବସରରେ ନଭେମ୍ବର ୩୦ତାରିଖରେ




କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ରାମଚଣ୍ଡୀ ପର୍ଯ୍ୟନ୍ତ ସାଇକଲଥୋନ, ଡିସେମ୍ବର ୧ ତାରିଖ ସକାଳେ ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ଗଣଦୌଡ଼ ଏବଂ ୨ ତାରିଖରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ବେଳାଭୂମି ପଦଯାତ୍ରା, ୨ ତାରିଖରେ ରାଜୀବ ଗାନ୍ଧୀ ସୋଶିଆଲ ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଚିତ୍ରକଳା ଶିବିର, କୋଣାର୍କ ମିଡିଆ ଫୋରମ ପକ୍ଷରୁ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଏବଂ କୋଣାର୍କ ପୁସ୍ତକ ମେଳା କମିଟି ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହେବ । କୋଣାର୍କ ଉତ୍ସବ ସମୟରେ ଆଉ ଏକ ମୁଖ୍ୟ ଆକର୍ଷଣ ସାଜିଥାଏ ଯାତ୍ରା ଦଳ । ସ୍ଥାନୀୟ ଯାତ୍ରା କମିଟିମାନଙ୍କ ପକ୍ଷରୁ ଏକାଧିକ ଯାତ୍ରାଦଳ ଯାତ୍ରା ପରିବେଷଣ କରିଥା'ନ୍ତି । ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ସମେତ ସ୍ଥାନୀୟ ଅଞ୍ଚଳର ଯାତ୍ରାପ୍ରେମୀ ଦର୍ଶକମାନେ ଆସି କୋଣାର୍କ ଉତ୍ସବ ଦେଖିବା ସହ ଯାତ୍ରାକୁ ରାତିତମାମ ମନଭରି ଉପଭୋଗ କରିଥା'ନ୍ତି । ଏନଏସି ପକ୍ଷରୁ ମିନାବଜାର, ରାମଦୋଳି, ସର୍କସ ଓ ଯାତ୍ରା ପରିବେଷଣ ପାଇଁ ହେଲିପ୍ୟାଡକୁ ପ୍ରସ୍ତୁତ କରାଯାଇ ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଠାରେ ସମସ୍ତ ପ୍ରକାର ଖାଦ୍ୟ, ବସ୍ତ୍ର ଓ ଘରକରଣା ସାମଗ୍ରୀ ଉପଲବ୍ଧ ଥିବାରୁ ପାଞ୍ଚଦିନ ଧରି ଏହି ଅଞ୍ଚଳରେ ପ୍ରବଳ ଭିଡ ହୋଇଥିବାବେଳେ କୋଣାର୍କ-ଚନ୍ଦ୍ରଭାଗା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । କୋଣାର୍କ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ ।



ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାଥମିକ ବୁଣାକାର ସମବାୟ ସମିତି ଏବଂ ବୟନୀକା ଓ ବରଗଡ଼ର ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଖଣ୍ଡୁଆ ପାଟ ଶାଢ଼ୀ, ବମକେଇ ଶାଢ଼ୀ, ବ୍ରହ୍ମପୁର ଶାଢ଼ୀ, ବଡ଼ବାଗର ଶାଢ଼ୀ ଫାଇନ କଟନ ଶାଢ଼ୀ ଏବଂ ଖୋର୍ଦ୍ଧାର ଲୁଙ୍ଗି ଓ ଗାମୁଛା ସମେତ ପ୍ରସ୍ତର ଖୋଦେଇ, ପଟ୍ଟଚିତ୍ର ଓ ପିପିଲିର ଚାନ୍ଦୁଆ କାମ ପର୍ଯ୍ୟଟକମାନଙ୍କୁ ବେଶ ଆକର୍ଷିତ କରିଥାଏ । ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ଅନୁରୋଧରେ କୋଣାର୍କ ଉତ୍ସବର ଦୀର୍ଘ ୨୬ ବର୍ଷ ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୫ରେ କୋଣାର୍କ ଉତ୍ସବରେ ସାହିତ୍ୟକୁ ସାମିଲ କରାଯାଇଛି ।




କୋଣାର୍କ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍ସବର ଗୋଟିଏ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଅନୁଷ୍ଠିତ ହୋଇଥାଏ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ କବି ଓ କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥାନ୍ତି । ଉତ୍ସବର ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଓଡିଶା ସଂଗୀତ ନାଟକ ଏକାଡେମି, ପର୍ଯ୍ୟଟନ ଅଧିକାରୀଙ୍କ ସମେତ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଆନ୍ତରିକ ପ୍ରଚେଷ୍ଟା ପ୍ରଶଂସନୀୟ । ପଞ୍ଚଦିବସୀୟ ଏହି ଉତ୍ସବ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ ।

**ଅଜିତ କୁମାର ମଲ୍ଲିକ**, ସାମ୍ବାଦିକ, କୋଣାର୍କ, ୭୯୭୮୦୧୧୫୩୮

# 'ସୁଅ ମୁହଁରେ ପତର'ର ସ୍ରଷ୍ଟା: ପ୍ରାଣବନ୍ଧୁ କର





ଆଧୁନିକ କାଳର ବିଶିଷ୍ଟ ଓଡ଼ିଆ ସାହିତ୍ୟିକଙ୍କ ମଧ୍ୟରେ ପ୍ରାଣବନ୍ଧୁ କର ଅନ୍ୟତମ । ସେ ଥିଲେ ଏକଧାରରେ କବି, ଗାଳ୍ପିକ ଓ ନାଟ୍ୟକାର । ଆଦ୍ୟ କୈଶୋରରେ ବିଦ୍ୟାଳୟରେ ପଢୁଥିବା ବେଳେ ତାଙ୍କ କବି ପ୍ରତିଭା ସହ ଶିକ୍ଷକମାନେ ପରିଚିତ ହୋଇଥିଲେ ଏବଂ ଅଧିକରୁ ଅଧିକ ଲେଖିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ । ପ୍ରାଣବନ୍ଧୁ ସ୍ନାତକ ଉତ୍ତୀର୍ଣ୍ଣ ହେବାପରେ ସଚିବାଳୟର କିରାଣି ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ହେଲେ ସେଥିରେ ମନ ଲାଗି ନଥିଲା । ତାଙ୍କ ପିତା ଚିନ୍ତାମଣି କର ଥିଲେ ଶିକ୍ଷକ । ପରବର୍ତ୍ତୀ କାଳରେ ପିତାଙ୍କ ଭଳି ସେ ମଧ୍ୟ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ । ବିଭିନ୍ନ ସରକାରୀ ସ୍କୁଲରେ ସେ ଶିକ୍ଷକତା କରିବା ସହ ଘରୋଇ ଭାବେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର କରି ଶିକ୍ଷକରୁ ପାଲଟିଥିଲେ ଅଧ୍ୟାପକ । ଶିକ୍ଷା ବିଭାଗରେ ବିଭିନ୍ନ ପଦପଦବୀରେ ସେ କିଛି କିଛି କାଳ ଅବସ୍ଥାପିତ ହୋଇଥିବା ଜଣାଯାଏ । ରେଭେନ୍ସା ମହାବିଦ୍ୟାଳୟରେ ତାଙ୍କ ଚାକିରି ଜୀବନ ପରିସମାପ୍ତି ଘଟିଥିଲା ଏବଂ ସେ ଅବସର ନେଇଥିଲେ । ଜୀବନରେ ତାଙ୍କ ଲେଖନୀ ସର୍ବଦା ସକ୍ରିୟ ଥିଲା ଏବଂ ଅବସର ପରେ ମଧ୍ୟ ଅଟକି ନଥିଲା । ସେ ଶତାଧିକ କ୍ଷୁଦ୍ରଗଳ୍ପ, ଏକାଙ୍କିକା, ନାଟକର ସ୍ରଷ୍ଟା । 'ସୁଅ ମୁହଁରେ ପତର', 'ନିଶୀଥର ପ୍ରେତାତ୍ମା', 'ଷଣ୍ଢ ଲଢ଼େଇ', 'ମଶା', 'ରାଣୀ', 'ପଦ୍ମା', 'ସେମାନେ ବି ତ ମଣିଷ', 'ଏ ପୃଥିବୀ ନୁହେଁ' ଆଦି ତାଙ୍କର କେତେକ ଶ୍ରେଷ୍ଠ ଗଳ୍ପ । ପ୍ରାଣବନ୍ଧୁ ନିଜର ନାଟ୍ୟ ପ୍ରତିଭା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମି, ସଂଗୀତ ନାଟକ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ତାଙ୍କର ବହୁ ଗଳ୍ପ ନାଟକ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ପଢ଼ାଯାଉଛି । ତାଙ୍କ ସାହିତ୍ୟକୃତି ସଂପର୍କରେ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି, ସେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷ, ଫକୀରମୋହନ ସେନାପତିଙ୍କ ମାମୁଁ, ପ୍ରାୟଶ୍ଚିତ ଓ ଛଅମାଣ ଆଠ ଗୁଣ୍ଠ, ହରେକୃଷ୍ଣ ମହତାବଙ୍କ ଟାଉଟର, ଫତୁରାନନ୍ଦଙ୍କ ନାକଟା ଚିତ୍ରକର ଆଦିକୁ ନାଟ୍ୟ ରୂପ ଦେଇଥିଲେ । ୧୯୧୪ ଡିସେମ୍ବର ଆଜିର ଦିନରେ ବାଙ୍କୀ ଅନ୍ତର୍ଗତ ଡମପଡ଼ାରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ସାହିତ୍ୟିକ ।

**-ଡ଼ଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଏଡ୍‌ସ: ଏହି ଡର ସଭିଙ୍କୁ



**ବିଶ୍ୱ ଏଡ୍‌ସ ଦିବସର ଇତିହାସ:** ପ୍ରଥମ କରି ୧୯୮୭ ଅଗଷ୍ଟ ମାସରେ ଥୋମାସ୍ ନେଟର ଏବଂ ଜେମ୍ସ ଡବ୍ଲ୍ୟୁ ବୁନ୍ ବିଶ୍ୱ ଏଡ୍‌ସ ଦିବସ ବିଷୟ କଳ୍ପନା କରିଥିଲେ । ଉଭୟ ଜେନେଭା ଓ ସ୍ୱିଜରଲ୍ୟାଣ୍ଡସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମ ପାଇଁ ଲୋକସମ୍ପର୍କ ଅଧିକାରୀ ଅଛନ୍ତି । ସେମାନେ ନିଜର ଧାରଣା ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଡକ୍ଟର ଜୋନାଥନ୍ ମନ୍‌ଙ୍କୁ ଜଣାଇଥିଲେ । ସେ ଏହାକୁ ସ୍ୱୀକୃତି ଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନ ପାଇଁ ସୁପାରିଶ କରିଥିଲେ । ୧୯୮୮ ଡିସେମ୍ବର ୧ରୁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଇଆସୁଛି । ସେମାନେ ଭାବିଲେ ଯେ, ଏହାକୁ ଏପରି ସମୟରେ ପାଳନ କରାଯିବା ଉଚିତ ଯେଉଁ ସମୟରେ ବିଶ୍ୱବ୍ୟାପୀ ଗଣମାଧ୍ୟମ ଓ ଜନସାଧାରଣ ଏଥିପ୍ରତି ଆଗ୍ରହ ପ୍ରକାଶ କରିପାରିବେ । ଏଚ୍‌ଆଇଭି/ଏଡ୍‌ସ ଉପରେ ଜାତିସଂଘ କାର୍ଯ୍ୟକ୍ରମକୁ ୟୁଏନ୍‌ଏଡ୍‌ସ କୁହାଯାଏ ।



୧୯୯୬ରେ ଏହା କାର୍ଯ୍ୟକାରୀ ହେବା ସହିତ ବିଶ୍ୱବ୍ୟାପୀ ପ୍ରସାର ଲାଭ କଲା । ୧୯୯୭ରେ ୟୁଏନ୍‌ଏଡ୍‌ସ ଦ୍ୱାରା ବିଶ୍ୱ ଏଡ଼ସ ପ୍ରଚାର ଅଭିଯାନ ଆରମ୍ଭ ହେଲା । ଏଥିପାଇଁ ଏଡ଼ସ କାର୍ଯ୍ୟକ୍ରମ, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା, ରୋଗ ନିରାକରଣ ଏବଂ ରୋଗ ସଚେତନତା ଉପରେ ବର୍ଷସାରା ପ୍ରଚାର ଅଭିଯାନ ଚାଲିଲା । ପ୍ରଥମ ବର୍ଷ ବିଶ୍ୱ ଏଡ଼ସ ଦିବସ ସଚେତନତା କେବଳ ଶିଶୁ ଏବଂ ତରୁଣ ବୟସର ଲୋକଙ୍କ ଉପରେ ପ୍ରାଧାନ୍ୟ ଦେଇ କରାଯାଉଥିଲା । ପରେ ଏହାକୁ ଏକ ପରିବାର ରୋଗ ବୋଲି ବିବେଚନା କରାଗଲା । କାରଣ ଯେକୌଣସି ବୟସର ବ୍ୟକ୍ତି ଏଚ୍‌ଆଇଭି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି । ୨୦୦୭ ପରଠାରୁ ବିଶ୍ୱ ଏଡସ ଦିବସକୁ ଏଡ଼ସ ରିବନ ସଂକେତ ଦ୍ୱାରା ପ୍ରଦର୍ଶନ କରାଯାଇଆସୁଛି ।

ଏଡ଼ସ । ଏହି ଡ଼ର ସଭିଙ୍କୁ । ଗର୍ଭସ୍ଥ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ । ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ଼ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି । ଗତ ଦୁଇ ଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଠାରୁ ଆରମ୍ଭ କରି ଜାତୀୟ ଏଡ଼ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ଼ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି । ପ୍ରାରମ୍ଭିକ ସ୍ତରରେ ଏଡ଼ସ ସଚେତନତା ମହିଳା ଓ ପୁରୁଷ ଯୌନକର୍ମୀ, ଟ୍ରକ ଡ୍ରାଇଭର ଓ ହିଞ୍ଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ଼ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ଼ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏଥିନେଇ ସଚେତନ କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି ।

ବର୍ତ୍ତମାନ ଏଡ଼ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି: ଆଉ ଜଣକୁ ବି ଏଡ଼ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ଼ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବ ନାହିଁ କି ଏଡ଼ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ । ତେବେ ଚଳିତବର୍ଷ ବିଶ୍ୱ ଏଡ଼ସ ଦିବସ ଅବସରରେ କିଶୋରମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ଼ସରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି । ବିଶେଷକରି ଅସୁରକ୍ଷିତ ଯୌନସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ ଜଣ ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି । ସର୍ବାଧିକ ଏଡ୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି । ସେହିପରି ସର୍ବଭାରତୀୟ ସ୍ତରରେ ଏଡ୍‌ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ । ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ୍‌ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧ ।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ୍‌ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁନଥିବାରୁ କିଶୋରମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି । ଯେଉଁଥିପାଇଁ ଏଡ଼୍‌ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା । କିନ୍ତୁ ଧୀରେ ଧୀରେ ଏଥିନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି । ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି । ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନସମ୍ପର୍କ ରକ୍ଷାକରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି । ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ୍‌ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏଥିନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷା କରିପାରୁନାହାନ୍ତି । ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି । ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶାସେବନ କରୁଥିବାରୁ ଏଡ୍‌ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି । ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି । ବିଶ୍ୱ ଏଡ଼ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ରଶପଥର ସଂକଳ୍ପ ଦିବସ ହେଉ । ତେବେ ବଡ଼ ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି । ସମାଜରେ ଭୟାବହ କୁହାଯାଉଥିବା ଏଡ଼ସ୍ ଓ ହେପାଟାଇଟିସ୍ ବି ଉଭୟ ସମଭାବରେ ସଂକ୍ରମଣ ହୁଅନ୍ତି । ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନମାନଙ୍କ ଦ୍ୱାରା ଏଡ଼ସର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏଡ଼ସ ସେଲ ମଧ୍ୟ ଗଠନ ହୋଇ ଏଡସ୍ ନିରାକରଣ ତଥା ଏଥିପ୍ରତି ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ତାହା ସଫଳ ହେଉଛି । ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ସମାଜରେ ଏଡ଼ସ୍ ରାକ୍ଷାସର ମୂଳୋତ୍ପାଟନ ସମ୍ଭବ ହୋଇପାରିବ ।

**ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା**
*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଭେଷଜ ବିଭାଗ, ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ, ଦୂରଭାଷ: ୦୬୭୧୨୩୦୨୩୦୦*

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଡିସେମ୍ବର ୦୧

# ସୁସ୍ଥ ଜୀବନର ଶ୍ରେଷ୍ଠ ଅବଲମ୍ବନ



ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ଜୀବନ ସୁଖୀ ଜୀବନ। ଦୁଃଖ ଯନ୍ତ୍ରଣା ରହିତ ଶରୀର ଓ ମନ ହେଉଛି ସୁସ୍ଥତାର ଲକ୍ଷଣ। ଏକଥା ଆମେ ସମସ୍ତେ ଜାଣିଛେ। ଯେଉଁଠି ଜୀବନ ଅଛି ସେଠାରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଅଛି। ଶାରୀରିକ ଓ ମାନସିକ ଏହି ଦୁଇଟିର ଯଥାଯଥ ବିକାଶ ହେଉଛି ଉତ୍ତମ ସ୍ୱାସ୍ଥ୍ୟର ପରିଚୟକ। ଉତ୍ତମ ସ୍ୱାସ୍ଥ୍ୟ ସଫଳ ଜୀବନର ବାହକ। ଉତ୍ତମ ସ୍ୱାସ୍ଥ୍ୟ ବିନା ଜୀବନ ଦୁର୍ବିସହ ହୋଇଯାଏ। ମନୁଷ୍ୟ ଏହି ସୃଷ୍ଟିର ଶ୍ରେଷ୍ଠ ଜୀବ। କୌଣସି ବ୍ୟକ୍ତିକୁ ଯଦି ସମଗ୍ର ବିଶ୍ୱର ଅଧିଶ୍ୱର କରି ଦିଆଯାଏ, ଯେବେ ସେ ସୁସ୍ଥ ନଥାଏ ତେବେ ସମସ୍ତ ସମ୍ପଦ, ସମସ୍ତ ପଦ ପଦବୀ ତା ପାଇଁ ମୂଲ୍ୟହୀନ। ଏହି ଶରୀରକୁ ଆଧାର କରି ସବୁ କିଛି। ଭାଗବତରେ ଅଛି 'ଏ ଦେହ ଥିଲେ ସବୁ ପାଇଁ'। ତେଣୁ ଏହି ଈଶ୍ୱର ପ୍ରଦତ୍ତ ଶରୀର ରୂପକ ଯନ୍ତ୍ରଟିକୁ ଯତ୍ନର ସହିତ ସୁସ୍ଥ ସବଳ ଓ ସତେଜ କାର୍ଯ୍ୟକ୍ଷମ କରି ରଖିବାକୁ ହୋଇଥାଏ। ଏହା ଆମର ବାହନ। ଆମକୁ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାର ମାଧ୍ୟମ। ଯଦି ଯନ୍ତ୍ର ଅସୁସ୍ଥ ହୋଇଗଲା କାର୍ଯ୍ୟକ୍ଷମ ହେଲାନାହିଁ ତେବେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ନାହିଁ। ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍।

ସୃଷ୍ଟିର ଅନନ୍ତ ପ୍ରବାହ ଏକ ଅନୁଶାସନର ଅନୁବର୍ତ୍ତିତ। ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ନକ୍ଷତ୍ର, ଆକାଶ, ଅନିଳ, ଅନଳ, ଜଳସ୍ଥଳ ଠାରୁ ଆରମ୍ଭ କରି ଚର ଅଚର ସବୁକିଛି ଏକ ନିୟମର ବଶବର୍ତ୍ତୀ। ନିୟମ ଏକ ଶୃଙ୍ଖଳା। ସମସ୍ତେ ନିୟମ ମାନି ଶୃଙ୍ଖଳାର ସହିତ ଆପଣା କର୍ତ୍ତବ୍ୟ ପାଳନ କରୁଛନ୍ତି। କେବଳ ମନୁଷ୍ୟ ସବୁ ଜାଣି ମଧ୍ୟ ସ୍ୱେଚ୍ଛାଚାରୀ ହୋଇ ନିୟମ ଉଲ୍ଲଂଘନ କରେ ବିଶୃଙ୍ଖଳିତ ଜୀବନ ଯାପନ କରେ। ଯାହାଫଳରେ ନିଜେ ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ହେବା ସହିତ ସାରା ସୃଷ୍ଟିକୁ ଅସୁସ୍ଥ ଏବଂ ବିଶୃଙ୍ଖଳିତ କରିଦିଏ। ଆମ ଅଜାଣତରେ ଆମ କର୍ମର ପ୍ରଭାବ ଅନ୍ୟ ମାନଙ୍କୁ ଭୋଗିବାକୁ ପଡ଼େ। ବର୍ତ୍ତମାନ ଆମେ ଭୋଗୁଥିବା ସମସ୍ତ ଦୁଃଖ ଦୈନ୍ୟ ଆମ ଅସୁସ୍ଥ ଆଚରଣର ପରିଣାମ ମାତ୍ର। ଆମେ ନିୟମାନୁବର୍ତ୍ତି ହେଲେ ପ୍ରକୃତି ମଧ୍ୟ ଆମର ସୁରକ୍ଷା କରିବ। ଭଗବାନ ବହୁ ଭାବରେ ଆମକୁ ସ୍ୱୟଂ ସଞ୍ଚାଳିତ କରିଛନ୍ତି। ଏହା ତାଙ୍କର ଅଶେଷ ଆଶୀର୍ବାଦ। ସଚେତନତା, ନିୟମାନୁବର୍ତ୍ତୀତା, ଧୈର୍ଯ୍ୟ, ଶ୍ରଦ୍ଧା, ପ୍ରେମ, କ୍ଷମା, ସହିଷ୍ଣୁତା, ଉତ୍ସାହ, ଉଦ୍ଦୀପନା ଓ କଠୋର ପରିଶ୍ରମ ଆଦି ଜୀବନ ନିର୍ମାଣର ଗୋଟିଏ ଗୋଟିଏ ବିଭାବ। ସୁସ୍ଥ ଜୀବନ ପାଇଁ ଭଗବାନ ଆମକୁ ଦୁଇଟି ଆଶୀର୍ବାଦ ଦେଇଛନ୍ତି। ଭୁଲିଯିବାର କଳା ଏବଂ ହସିବାର କଳା। ଏହି ଦୁଇଟି ଆଶୀର୍ବାଦ କଳା ଯଦି ଆମେ ଭଲ ଭାବେ ଦେଖିଯିବା ଶିଖିଯିବା ତେବେ ଜୀବନର ସବୁଠାରୁ ଦୁଃଖଦ ସମୟରେ ମଧ୍ୟ ଏହି କଳା ମଣିଷ ପାଇଁ ସଞ୍ଜିବନୀ ସଦୃଶ କାମ କରିବ।

ଆମ ଶରୀର ଏକ ବିଚିତ୍ର ଯନ୍ତ୍ର। ବିଚିତ୍ର କଳା କୌଶଳରେ ନିର୍ମିତ ଅନେକ ସୂକ୍ଷ୍ମାତି ସୂକ୍ଷ୍ମ ସ୍ୱୟଂ ଚାଳିତ ଯନ୍ତ୍ରାଂଶର ଏହା ସମ୍ମିଳିତ ସ୍ୱରୂପ। ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ, ପ୍ଲୀହା, ପାକସ୍ଥଳୀ, ମୂତ୍ରଯନ୍ତ୍ର, ଶିରା ପ୍ରଶିରା ଭଳି ଅନେକ ଛୋଟ ବଡ଼ ଯନ୍ତ୍ର ମିଳିତ ଭାବେ ଶରୀର ମନକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଆନ୍ତି। କଥାରେ ଅଛି – ଯଦି ପେଟ ଓ ମୁଣ୍ଡ ଉଭୟ ପରିଷ୍କାର ତେବେ ଶରୀର ଆପାତତ୍ ସୁସ୍ଥ। ପ୍ରାୟ ରୋଗ, ଶୋକ, ଦୁଃଖର ଉତ୍ପତ୍ତି ସ୍ଥଳ ଏହି ପେଟ ଓ ମୁଣ୍ଡ ଅଟେ। ଖାଦ୍ୟ ଠିକ୍ ଠିକ୍ ପରିପାକ ହେଉଥିବ, ମଳମୂତ୍ର ନିଷ୍କାସନ ଠିକ ଭାବେ ହେଉଥିବ, ମୁଣ୍ଡରେ କୌଣସି କୁଚିନ୍ତା, ଦୁଶ୍ଚିନ୍ତା ନଥିବ, ନିଦ୍ରା ଠିକ ଭାବେ ହେଉଥିବ, ସ୍ନାୟବିକ ଦୌର୍ବଲ୍ୟତା ନଥିବ, ଅନ୍ତଃସ୍ରାବୀ ଗ୍ରନ୍ଥୀ ସଠିକ ଭାବେ କାର୍ଯ୍ୟ କରୁଥିବ, ତେବେ ଜାଣିବ ଶରୀର ଓ ମନ ନିଜ ନିଜ ଭିତରେ ସମନ୍ୱୟ ରକ୍ଷାକରିଛନ୍ତି। ଏହା ହେଉଛି ବାସ୍ତବ ସୁସ୍ଥତାର ଲକ୍ଷଣ। ସରଳ ଜୀବନ, ଉଚ୍ଚ ଚିନ୍ତନ, ଶୁଦ୍ଧ ବିଚାର, ପ୍ରଫୁଲ୍ଲ ମନ, ପୌଷ୍ଟିକ ଆହାର ଯଥାସମ୍ଭବ ମୁକ୍ତ ପବନରେ ଭ୍ରମଣ, ସୂର୍ଯ୍ୟସ୍ନାନ, ଶାରୀରିକ ବ୍ୟାୟାମ, ନିୟମିତ ଜପ, ଧ୍ୟାନ, ସେବା, ପ୍ରେମ ଆଦି ଈଶ୍ୱରୀୟ କର୍ମ ସମ୍ପାଦନ, ସତକର୍ମ, ବ୍ରହ୍ମଚର୍ଯ୍ୟ ପାଳନ, ସଦାଚାରଯୁକ୍ତ ଜୀବନ ଯାପନ ମଣିଷକୁ ସର୍ବଦା ସୁସ୍ଥ ରଖେ। ଆମ ଜନ୍ମ ଓ କର୍ମସ୍ଥଳୀରେ ଋତୁ ଅନୁସାରେ ମିଳୁଥିବା ଫଳ ମୂଳ, ପନିପରିବା ଆମ ଶରୀର ଓ ମନ ପାଇଁ ଉପାଦେୟ। ଭଗବାନ ସମସ୍ତଙ୍କର ଭରଣ ପୋଷଣକର୍ତ୍ତା। ଯେଉଁ ଅଞ୍ଚଳରେ ଯେଉଁ ଋତୁରେ ଯାହା ଖାଦ୍ୟ ପାନୀୟ ସ୍ୱାଭାବିକ ଭାବେ ଉପଲବ୍ଧ ତାହା ସେ ଅଞ୍ଚଳବାସୀଙ୍କ ପାଇଁ ଭଗବାନଙ୍କର ବିଧାନ। ଭଗବାନଙ୍କଠାରୁ ବଡ଼ ହିତାକାଙ୍କ୍ଷୀ ଆଉ କେହି ନାହାନ୍ତି। ତାଙ୍କ ନିର୍ଦ୍ଦେଶକୁ ବୁଝିବା ଓ ପାଳନ କରିବା ବ୍ୟକ୍ତି ପ୍ରକୃତରେ ସବୁ ଦୃଷ୍ଟିରୁ ସୁସ୍ଥ। ଏକାଦଶୀରେ ଉପବାସ ଶୁଦ୍ଧ ଜଳ, ପାନ, କୁସଙ୍ଗ, ବର୍ଜନକୁ ଅଭ୍ୟାସ ବର୍ଜନ, ନିହାତି ଆବଶ୍ୟକ। କୁସଙ୍ଗ ସବୁଠାରୁ ଭୟଙ୍କର ଓ ସବୁଠାରୁ କ୍ଷତିକାରକ। ଦୁଇଟି ମୁଖ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ଭଗବାନ ଆମକୁ ମାନବ ଶରୀର ପ୍ରଦାନ କରିଛନ୍ତି। ସେ ସବୁ ହେଲେ ଆତ୍ମ କଲ୍ୟାଣ କରି ଏହି ଜନ୍ମରେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ହେବା, ସଂସାରରୁ ପ୍ରାପ୍ତ ଏବଂ ସଂସାର ଦ୍ୱାରା ପରିପୁଷ୍ଟ ଏହି ଶରୀରକୁ ସମ୍ପୂର୍ଣ୍ଣ ଭାବେ ସଂସାର ସେବା ବା ହିତ ସାଧନ ବିନିଯୋଗ କରିବା। ଏହି କଲ୍ୟାଣ ସାଧନ ଆମର ଶ୍ରେଷ୍ଠ ବ୍ରତ ହେବା ଉଚିତ। ସତ ଆଚାର ବିଚାର ଯୁକ୍ତ ଜୀବନ ସୁସ୍ଥ ଜୀବନ। ଯଜ୍ଞରୁ ଏବଂ ଯଜ୍ଞ କର୍ତ୍ତବ୍ୟ କର୍ମରୁ ନିଷ୍ପନ୍ନ ହୋଇଥାଏ। ତ୍ୟାଗପୂର୍ଣ୍ଣ ସତକର୍ମ ହେଉଛି ଯଜ୍ଞ। ଆମର ପ୍ରତ୍ୟେକ କର୍ମ ତଥା ଆମର ସମ୍ପୂର୍ଣ୍ଣ ଜୀବନ ଯଜ୍ଞମୟ ହୋଇଯିବା ଦରକାର। ଯଜ୍ଞ ହେଉଛି ସୃଷ୍ଟି ସର୍ଜନାର ମୂଳ, ସୁସ୍ଥ ଶରୀର ଏବଂ ସୁସ୍ଥ ମନର ମୂଳ। ଯଜ୍ଞ ଦ୍ୱାରା ଦେବତାମାନେ ସନ୍ତୁଷ୍ଟ ହୋଇ ଆମର ତୁଷ୍ଟି ଓ ପୁଷ୍ଟି ସାଧନ ପାଇଁ ଆବଶ୍ୟକ ଉପାଦାନ ପ୍ରଦାନ କରିବେ। ଏ ସଂସାରରେ ଆମମାନଙ୍କୁ ଯାହା ପ୍ରାପ୍ତ ହୋଇଛି ତାକୁ କେବଳ ନିଜ ପାଇଁ ବିନିଯୋଗ ନକରି ଅନ୍ୟର କଲ୍ୟାଣରେ ମଧ୍ୟ ଉପଯୋଗ କରିବା ଉଚିତ। ଏହାଦ୍ୱାରା ଶରୀର, ମନ, ଆତ୍ମା ସବୁର କଲ୍ୟାଣ ସାଧନ ହେବ। ଏହା ଅନୁଭବ ଜ୍ଞାନ। ଅଧ୍ୟାତ୍ମ ବିଦ୍ୟା ଶ୍ରେଷ୍ଠ ବିଦ୍ୟା ବୋଲି ଭଗବାନ କହିଛନ୍ତି। ଆଧ୍ୟାତ୍ମିକ ବିଚାର ହେଉଛି ଦେହ ମନର ଉର୍ଦ୍ଧ୍ୱରେ ଅତୀନ୍ଦ୍ରିୟ ଉପରେ ଉଠିବାର ବିଜ୍ଞାନ। ଏହା ଆତ୍ମା ସମ୍ବନ୍ଧୀୟ ଜ୍ଞାନ। ଆତ୍ମା ଅଜର ଅମର ଶାଶ୍ୱତ ସନାତନ। ଶରୀର, ମନ, ବୁଦ୍ଧି ଚିତ୍ତ ଆଦି ଜଡ଼ ବସ୍ତୁ। ଥରେ ଆତ୍ମ ଚେତନାରେ ମଜ୍ଜିଗଲେ ଶରୀର ମନର ପୀଡ଼ା ତୁଚ୍ଛ ଓ ମିଥ୍ୟା ବୋଲି ପ୍ରତୀୟ ହେବ। ତେଣୁ ବେଦାନ୍ତ ଦର୍ଶନ ଅନୁସାରେ ଶରୀର, ମନର ଉର୍ଦ୍ଧ୍ୱକୁ ଯାଇ ବିଚାର କଲେ ରୋଗ ଶୋକରେ ଅତୀତ ଆତ୍ମ ଚେତନା ପ୍ରକାଶିତ ହେବ। ଆତ୍ମଚେତନାରେ ରୋଗ ଶୋକ ଦୁଃଖ ଆଦି ବିକାରର ସ୍ଥାନ ନାହିଁ। ଭାବନାର ଗଭୀରତାରେ ଏହି ବୋଧ ଦୃଢ଼ ହୋଇଯିବା ଅନୁଭବ ହେବା। ମୁଁ ଏହି ଜଡ଼ ଶରୀର କିମ୍ବା ମନ ନୁହେଁ ମୁଁ ଚିର ଶାଶ୍ୱତ ରୋଗ, ଶୋକ ରହିତ ଅଜର ଅମର ଆତ୍ମା। ଏହି ବିଚାର ସୁସ୍ଥ ଜୀବନର ଶ୍ରେଷ୍ଠ ଅବଲମ୍ବନ। ଏହି ସାଧନା ସମସ୍ତଙ୍କର ଧ୍ୟେୟ ହେଉ। ଆମେ ଅନ୍ତର ଭରି ଉଦ୍ୟମ କଲେ ଏହି ଆତ୍ମିକ ଚେତନାରେ ଉପନୀତ ହୋଇପାରିବା। ଆତ୍ମ ଚେତନାର ରାଜ୍ୟ ହେଉଛି ନିତ୍ୟାନନ୍ଦମୟ ରାଜ୍ୟ।

**ହେମନ୍ତ କୁମାର ପରିଡ଼ା, ମାଳତୀକୁଞ୍ଜ, ପ୍ଲଟନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬/୮୯୧୭୬୭୮୧୫୯**

## ଆଜିର ଅନୁଚିନ୍ତା

ଭଗବଦ୍ ସୃଷ୍ଟ ପଦାର୍ଥକୁ ଦାନ କରି ଦାତା ବୋଲାଇବା ହାସ୍ୟାସ୍ପଦ କଥା ନୁହେଁ କି?

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ବାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ବାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତ-ଚୀନ ଲଢେଇରେ ଆଦାନୀ

ସୌମେନ୍ଦ୍ର ଜେନା



ଯେତେବେଳେ ଦୁଇଟି ଦେଶ ମଧ୍ୟରେ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ସେତେବେଳେ ସୀମାନ୍ତର ସେନାମାନେ ଯେ କେବଳ ଲଢେଇରେ ସାମିଲ ହୋଇଥା'ନ୍ତି ତା'ନୁହେଁ। ଦେଶର ଶିଳ୍ପ, ବାଣିଜ୍ୟଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସ୍ତରରେ ଯୁଦ୍ଧରେ ସାମିଲ ହୋଇଥା'ନ୍ତି। ଭାରତ-ଚୀନ ମଧ୍ୟରେ ସୀମାନ୍ତରେ ଅଶାନ୍ତ ପରିସ୍ଥିତି ଜାରି ଥିଲାବେଳେ କେତେକ ଶକ୍ତି ଦେଶ ଭିତରେ ଥାଇ ଶତ୍ରୁପକ୍ଷ ପାଇଁ ମଧ୍ୟ ବ୍ୟାଟିଂ କରୁଛନ୍ତି। ତନ୍ମଧ୍ୟରୁ କଂଗ୍ରେସ ଦଳ ଏବଂ ସେମାନଙ୍କ ନେତା ରାହୁଲ ଗାନ୍ଧି ଅନ୍ୟତମ। କଥା ହେଲା ରାହୁଲ ତାଙ୍କର ଭାରତ ଯୋଡୋ ଯାତ୍ରାରେ ଅନେକବାର ଅମ୍ବାନୀ-ଆଦାନୀଙ୍କ ପରି ଦେଶର ଶିଳ୍ପପତିଙ୍କୁ ସମାଲୋଚନା କରିବାକୁ ଭୁଲୁନାହାନ୍ତି। ଗୁଜରାଟ, ଗୁଜରାଟୀ ଏବେ ରାହୁଲଙ୍କ ଟାର୍ଗେଟରେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିରୋଧ କରିବାକୁ ଯାଇ ସେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ସ୍ୱାର୍ଥର ସପକ୍ଷରେ କାର୍ଯ୍ୟ କରିଚାଲିଛନ୍ତି। ହୋଇପାରେ ଆତ୍ମନିର୍ଭର ଭାରତ, ମେକ୍ ଇନ ଇଣ୍ଡିଆ ଯୋଜନା ଚୀନର ଅନେକ କ୍ଷତିସାଧନ କରୁଥିବା ହେତୁ ରାହୁଲ ଏଥିରେ ଚେକମେଟ୍ ଦେବାକୁ ଚାହୁଁଛନ୍ତି, ଚୀନର ମଧ୍ୟ ଏହି ଆଶା ଥାଇପାରେ, ଯାହା ରାହୁଲ କରୁଛନ୍ତି। ଭାରତରେ କେନ୍ଦ୍ର ସରକାରକୁ ଫେରିବାକୁ ଚାହୁଁଥିବା କଂଗ୍ରେସ ଦଳର ନେତାମାନେ ଏଥିପାଇଁ ପାକିସ୍ଥାନ ଏବଂ ଚୀନର ସହାୟତା ପୂର୍ବରୁ ମାଗିସାରିଛନ୍ତି। ମଣିଶଙ୍କର ଆୟାର ପାକିସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାକ୍ ସ୍ୱାର୍ଥ ପାଇଁ ଭାରତରେ କଂଗ୍ରେସ ଶାସନ ଆସିବା ଉଚିତ ବୋଲି ବୁଝାଇ ସେମାନଙ୍କ ସମର୍ଥନ ଆଶା କରିଥିଲେ। ପୂର୍ବରୁ କଂଗ୍ରେସ ଏବଂ ସିସିପି (ଚୀନ) ମଧ୍ୟରେ ଶାସନଗତ ତଥ୍ୟର ଆଦାନ ପ୍ରଦାନ ପାଇଁ ବୁଝାମଣା ହୋଇସାରିଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନର ନିୟନ୍ତ୍ରଣ ପାଇଁ ଭାରତର ଶିଳ୍ପପତିମାନଙ୍କୁ ଲଢେଇରେ ସାମିଲ ହେବାକୁ ଆହ୍ୱାନ ଦେବାପରେ ଯୋଗାଯୋଗ କ୍ଷେତ୍ରରେ ଚୀନର ହୁବେଇ ପରି ଜିଓ ୫ଜି ସେବା ଭାରତରେ ଦେବାକୁ କାର୍ଯ୍ୟ ଜାରି ରଖିଛି। ଚୀନର ବିଶ୍ୱବ୍ୟାପୀ ବନ୍ଦର ଦଖଲ ଅଭିଯାନ ପଥରେ ଆଦାନୀ ଛିଡାହୋଇ ୨୦୩୦ ସୁଦ୍ଧା ପୃଥିବୀର ବଡ ବନ୍ଦରଭିତ୍ତିକ କମ୍ପାନୀ ହେବାଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି।

ଏକଥା ସତ ଯେ ଦେଶର ସରକାରଙ୍କ ସୀମିତ ସମ୍ବଳ ମଧ୍ୟରେ ରଣନୀତିକ ସ୍ୱାର୍ଥରକ୍ଷା ପାଇଁ ସବୁକିଛି କରିବା ସମ୍ଭବପର ହୁଏନାହିଁ। ଭାରତ ସରକାର ମଧ୍ୟ ସାମୁଦ୍ରିକ ବାଣିଜ୍ୟ, ସାମୁଦ୍ରିକ ମତ୍ସ୍ୟ ସଂଗ୍ରହ ଆଦି ବିଷୟରେ ନିଜେ ସବୁକିଛି କରିପାରିବେ ନାହିଁ। ଗତ ୧୦/୧୨ ବର୍ଷରେ ଚୀନ ବାଣିଜ୍ୟିକ ସ୍ୱାର୍ଥଦୃଷ୍ଟିରୁ ବିଶ୍ୱର ଅନେକ ରାଷ୍ଟ୍ରରେ ବନ୍ଦରଭିତ୍ତିକ ପ୍ରକଳ୍ପକୁ ହାତକୁ ନେଇ ସାମୁଦ୍ରିକ ଉପସ୍ଥିତି ବିଶ୍ୱସାରା ଜାହିର କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଚୀନର କମ୍ପାନୀଗୁଡିକ ସହ ପ୍ରତିଦ୍ୱନ୍ଦ୍ୱୀ ହୋଇ ଛିଡା ହେବାଲାଗି ଆଦାନୀ ପୋର୍ଟ ଯେଉଁ ଲଢେଇ ଜାରି ରଖିଛି ତା'ପଛରେ ଭାରତ ସରକାରଙ୍କ ରଣନୀତିକ ସ୍ୱାର୍ଥ ରହିଛି। ଭାରତ ବାହାରେ ଅଷ୍ଟ୍ରେଲିଆର ଖଣି, ଶ୍ରୀଲଙ୍କାର ବନ୍ଦର ନିର୍ମାଣ କ୍ଷେତ୍ରରେ ଆଦାନୀ ପୋର୍ଟ ଦୁଇ ରାଷ୍ଟ୍ରରେ ଚୀନା ସମର୍ଥକଙ୍କ ବିରୋଧକୁ ସାମ୍ନା କରିଛି। ଶ୍ରୀଲଙ୍କାରେ ଆଦାନୀଙ୍କୁ ଉତ୍ତର ମାନ୍ନାର ଜିଲ୍ଲାରେ ପାରମ୍ପରିକ ଶକ୍ତି ପ୍ରକଳ୍ପ ଦେବାପାଇଁ ତତ୍କାଳୀନ ରାଷ୍ଟ୍ରପତି ଗୋତବାୟା ରାଜପାକ୍ଷେଙ୍କ ଉପରେ ଭାରତ ସରକାର ଚାପ ପ୍ରୟୋଗ କରୁଥିବା ସଂକ୍ରାନ୍ତରେ ଶ୍ରୀଲଙ୍କା ମିଡିଆରେ ଚୀନ ପକ୍ଷରୁ ପ୍ରଚାର କରାଯାଇ ସେଠାକାର ରାଜନେତା, ବାମପନ୍ଥୀ ସଂଗଠନ ସହ ବିରୋଧୀମାନଙ୍କୁ ଉତ୍ତେଜିତ କରାଯିବା ଯୋଗୁ ଆଦାନୀଙ୍କ ବିରୋଧରେ ଆନ୍ଦୋଳନ ହୋଇଥିଲା। ଶ୍ରୀଲଙ୍କାର ନେତା ଫର୍ଣ୍ଣାଣ୍ଡୋ ପ୍ରଥମେ ଏହି ଅଭିଯୋଗ ଆଣିଥିଲେ। ପରେ ୧୩ ଜୁନ୍ ୨୦୨୨ରେ ସେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।

ଗତ ଜୁଲାଇ ୨୦୨୨ରେ ଆଦାନୀ ଗ୍ରୁପର ମୁଖ୍ୟ ଗୌତମ ଆଦାନୀ ତାଙ୍କର ଅଂଶଧାରକମାନଙ୍କୁ କହିଥିଲେ ଯେ ଅନେକ ବିଦେଶୀ ସରକାର ନିଜ ନିଜ ରାଷ୍ଟ୍ରରେ ଢାଞ୍ଚାଗତ ନିର୍ମାଣ ପାଇଁ ଆଦାନୀ ଗ୍ରୁପକୁ ନିମନ୍ତ୍ରଣ କରୁଛନ୍ତି। କାରଣ ବନ୍ଦର, ଖଣି, ପ୍ରଦୂଷଣମୁକ୍ତ ଶକ୍ତି ଉତ୍ପାଦନ, ପ୍ରତିରକ୍ଷା, କୃଷି, ଗ୍ୟାସ, ଗୃହ ନିର୍ମାଣ, ଡାଟା ସଂଗ୍ରହ ପରି ବିବିଧ କ୍ଷେତ୍ରରେ ଏହି ଗ୍ରୁପ କାର୍ଯ୍ୟରତ। ବିକାଶଶୀଳ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଷ୍ଟ୍ରଗୁଡିକୁ ଧନୀରାଷ୍ଟ୍ରଗୁଡିକ ଆର୍ଥିକ ସହାୟତା ଦେବାକୁ ହ୍ରାସ କରିବା ପରେ ଚୀନ ଅଧିକ ସୁଧହାରରେ ସେହିସବୁ ରାଷ୍ଟ୍ରରେ ଋଣପ୍ରଦାନପୂର୍ବକ ପ୍ରଭାବ ବୃଦ୍ଧି ଲାଗି ଚେଷ୍ଟାକରି ଆସୁଛି। ବିକାଶପାଇଁ ସବୁରାଷ୍ଟ୍ର ଆର୍ଥିକ ସହାୟତା ଆବଶ୍ୟକ କରୁଥିବା ସମୟରେ, ଅର୍ଥ ପ୍ରଦାନ କରିପାରୁଥିବା ରାଷ୍ଟ୍ରର ଗୁରୁତ୍ୱ ରହିବ ନିଶ୍ଚୟ। କିନ୍ତୁ ଚୀନର ଏହି ପ୍ରଭାବ ଭୂ-ରାଜନୀତିକ ଦୃଷ୍ଟିରୁ ଆଦୌ ଭଲ ନୁହେଁ। କାରଣ ଚୀନ ପରି ଅଧିକାରବାଦୀ, ଏକଦଳୀୟ ସରକାର ଥିବା ରାଷ୍ଟ୍ର ଅନ୍ୟରାଷ୍ଟ୍ରରେ ସେହିପରି ଶାସନ ବ୍ୟବସ୍ଥା ଆଣିବାକୁ ଚେଷ୍ଟା କରିବ, ଯାହା ତା'ର ସ୍ୱାର୍ଥକୁ ପୂରଣ କରିପାରିବ। ମାଳଦ୍ୱୀପ, ନେପାଳ, ମ୍ୟାନମାର, ଶ୍ରୀଲଙ୍କା, କାମ୍ବୋଡିଆ ସମେତ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଏହାର ପ୍ରମାଣ ପୃଥିବୀ ସମ୍ମୁଖରେ ରହିଛି। ତେଣୁ ଭାରତର ଶିଳ୍ପଗୋଷ୍ଠୀଗୁଡିକ ଅନ୍ତଃରାଷ୍ଟ୍ରୀୟ ସ୍ତରର କମ୍ପାନୀ ହେବା ସରକାରଙ୍କ ଇଚ୍ଛା ରହିଛି, ଯେଉଁମାନେ ଭାରତ ବାହାରେ ପୁଞ୍ଜିନିବେଶ କରି ଏହିସବୁ ରାଷ୍ଟ୍ରଗୁଡିକୁ ସାହାଯ୍ୟ କରିବା ସହ ଚୀନର ପ୍ରଭାବ ହ୍ରାସ କରିବାରେ ସଫଳ ହୋଇପାରିବେ। ଗତବର୍ଷ (୨୦୨୧) ଶ୍ରୀଲଙ୍କା ସରକାର କଲମ୍ବୋ ବନ୍ଦରର ପୂର୍ବପଟ ଟର୍ମିନାଲର ଆଧୁନିକୀକରଣ ପାଇଁ ଚୀନର ହାର୍ବର ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡକୁ ବାଛିଥିଲେ। ତେଣୁ ପଶ୍ଚିମ ଟର୍ମିନାଲ ଉପରେ ଦୁଇଦେଶର ଦୃଷ୍ଟି ଥିଲା। ଏହି ଟର୍ମିନାଲକୁ ଆଦାନୀ ଗ୍ରୁପ୍ ଚୀନ କମ୍ପାନୀ ହାତରୁ ଏବେ ଛଡାଇ ଆଣିଛି। ଏଥିରେ ଆଦାନୀ ଗ୍ରୁପର ୫୧ ପ୍ରତିଶତ ଅଂଶ ରହିଛି। ଏହାପରେ ଶ୍ରୀଲଙ୍କାରେ ଆଦାନୀ ଗ୍ରୁପ ପ୍ରଥମ ଭାରତୀୟ ଅପରେଟର ହୋଇଛି। କଲମ୍ବୋରୁ ଭାରତକୁ ୭୦ ପ୍ରତିଶତ ମାଲ ପରିବହନ ଏହି ବନ୍ଦର ଦେଇ ହେଉଥିବାରୁ ଏହା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। କଲମ୍ବୋ ବନ୍ଦରର ଏହି ପ୍ରକଳ୍ପରେ ଆଦାନୀ ପୋର୍ଟ ପ୍ରାୟ ୭୫୦ ମିଲିଅନ ଡଲାର ଖର୍ଚ୍ଚ କରିବ। ଭାରତ-ଶ୍ରୀଲଙ୍କା ମଧ୍ୟରେ ରହିଥିବା ପକ୍ ପ୍ରଣାଳୀରେ ସୌର ପ୍ରକଳ୍ପ ପାଇଁ ଚୀନ ଶ୍ରୀଲଙ୍କାକୁ ପ୍ରସ୍ତାବ ଦେଇଥିଲା। ଏହାହେଲେ ନିକଟରୁ ଭାରତ ଉପରେ ଦୃଷ୍ଟି ରଖିବା ସହଜ ହେବ ବୋଲି ଚୀନର ଯୋଜନା ରହିଥିଲା। କିନ୍ତୁ ଭାରତ ସରକାର ସୁରକ୍ଷା ଦୃଷ୍ଟିରୁ ପ୍ରତିବାଦ କଲାପରେ ରାଜପାକ୍ଷ ସରକାର ଚୀନକୁ ପ୍ରକଳ୍ପରୁ ହଟାଇଥିଲେ। ଏହି କ୍ଷେତ୍ରରେ ପ୍ରାୟ ୭୦ ବିଲିଅନ୍ ଡଲାର ମୂଲ୍ୟର ସୌର ବିଦ୍ୟୁତ ଉତ୍ପାଦିତ ହୋଇପାରିବ। ତେଣୁ ଚଳିତବର୍ଷ ଉତ୍ତର ଶ୍ରୀଲଙ୍କାର ପୁନରିୟାନ ଏବଂ ମାନ୍ନାରଠାରେ ୫୦୦ ମିଲିଅନ ଡଲାର ସୌରଶକ୍ତି ପ୍ରକଳ୍ପରେ ଆଦାନୀ ଗ୍ରୁପ ସାମିଲ ହୋଇଛି। ପୂର୍ବ ଶ୍ରୀଲଙ୍କାର ସାମପୁର ସହରରେ ଭାରତର ଏନ୍‌ଟିପିସି କମ୍ପାନୀ ସୌର ପ୍ରକଳ୍ପରେ ପୂର୍ବରୁ କାର୍ଯ୍ୟ କରୁଛି। ଜାଫ୍‌ନାରେ ହାଇବ୍ରିଡ ପାୱାର ପ୍ରକଳ୍ପରେ ଏନ୍‌ଟିପିସି ସାମିଲ ରହିଛି। ଏହି କ୍ରମରେ ପାରମ୍ପରିକ ଶକ୍ତି ପ୍ରକଳ୍ପରେ ଏନ୍‌ଟିପିସି ଓ ଆଦାନୀ ମିଶି ଚୀନକୁ ବାହାର କରିଦେବାକୁ ସକ୍ଷମ ହୋଇଛନ୍ତି। ନିକଟରେ ସିଙ୍ଗାପୁରଠାରେ ଅନୁଷ୍ଠିତ ଏକ ବୈଠକରେ ଗୌତମ ଆଦାନୀ ଖୋଲାଖୋଲି ଭାବେ ଚୀନର ଶୋଷଣବାଦୀ, ଋଣକୈନ୍ଦ୍ରିକ ପ୍ରକଳ୍ପକୁ ସମାଲୋଚନା କରିଥିଲେ।

ବନ୍ଦରଭିତ୍ତିକ ପ୍ରତିଦ୍ୱନ୍ଦ୍ୱିତା ଚୀନ-ବନାମ ଆଦାନୀ ମଧ୍ୟରେ ଚାଲିଥିବା କଥା ଇସ୍ରାଏଲ ବନ୍ଦର ପ୍ରକଳ୍ପରେ ଦେଖିବାକୁ ମିଳିଥିଲା। ପ୍ରାୟ ତିନି ମାସ ପୂର୍ବେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବୈଠକ (ଆଇ୨ୟୁ୨) ଅନୁଷ୍ଠିତ ହୋଇଥିଲା। ଆମେରିକା, ଭାରତ, ଇସ୍ରାଏଲ, ସଂଯୁକ୍ତ ଆରବ ଅମିରାତ ମଧ୍ୟରେ ଏହି ରଣନୀତିକ ଦୃଷ୍ଟିରୁ ଆଲୋଚନା କରିଥିଲେ। ଇସ୍ରାଏଲରେ ଚୀନର ଶକ୍ତିବୃଦ୍ଧି ୟୁରୋପର ସୁରକ୍ଷା ଦୃଷ୍ଟିରୁ କ୍ଷତିକାରକ ହେବ ବୋଲି ଆମେରିକା ପକ୍ଷରୁ କୁହାଯାଇଥିଲା। ଇସ୍ରାଏଲ ଅର୍ଥମନ୍ତ୍ରୀ ଇଭିଗଡୋର ଲିବରମାନ ଶିଳ୍ପନଗରୀ ହାଇଫା ବନ୍ଦରର ଆଧୁନିକୀକରଣ ଏବଂ ବିସ୍ତାର ପାଇଁ ବେସରକାରୀ ପୁଞ୍ଜିନିବେଶ ବିଷୟ ଘୋଷଣା କରିଥିଲେ। କାରଣ ଗତ ୬୦ବର୍ଷ ହେବ ଇସ୍ରାଏଲରେ ନୂଆ ବନ୍ଦର ନିର୍ମାଣ କରାଯାଇନାହିଁ। ହାଇଫା ବନ୍ଦର ପ୍ରକଳ୍ପରେ ସାମିଲ ହେବାକୁ ଚୀନର କମ୍ପାନୀମାନେ ଲକ୍ଷ୍ୟ ରଖିଥିଲେ ମଧ୍ୟ ଆଦାନୀ ଏବଂ ଗାଡଟ କେମିକାଲ ଟାଙ୍କର୍ସ ଏଣ୍ଡ ଟର୍ମିନାଲ୍ସ ଲିମିଟେଡ ମିଶି ସେହି ପ୍ରକଳ୍ପରୁ ଡ୍ରାଗନ ଗୋଷ୍ଠୀଙ୍କୁ ବାହାର କରିଦେଇଛନ୍ତି। ଏହି ବନ୍ଦର କ୍ଷତିରେ ଚାଲିଆସୁଥିବା ଯୋଗୁ ଇସ୍ରାଏଲ ସରକାର ଚିନ୍ତିତ ରହିଥିଲେ। ବନ୍ଦରର ମିଳିତ ପ୍ରକଳ୍ପରେ ଆଦାନୀ ପୋର୍ଟ ହାତରେ ୭୦ ପ୍ରତିଶତ ଏବଂ ଗାଡଟ ହାତରେ ଅବଶିଷ୍ଟ ୩୦ ପ୍ରତିଶତ ଅଂଶ ରହିବ। ଇସ୍ରାଏଲକୁ ତିନିପାର୍ଶ୍ୱରୁ ଆରବ ରାଷ୍ଟ୍ରଗୁଡିକ ସ୍ଥଳଭାଗରେ ଘେରି ରହିଥିବା ହେତୁ ଦେଶର ୯୯ ପ୍ରତିଶତ ରପ୍ତାନୀ-ଆମଦାନୀ ସାମୁଦ୍ରିକ ମାର୍ଗରେ ହୋଇଥାଏ। ଆର୍ଥିକ ବିକାଶ ପାଇଁ ବନ୍ଦରର ସୁପରିଚାଳନା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲର ସରକାର ବନ୍ଦରଗୁଡିକରେ ବେସରକାରୀ ପୁଞ୍ଜିନିବେଶ ଚାହୁଁଥିଲା ବେଳେ ଆଦାନୀ ଗ୍ରୁପ ପାଇଁ ଏହା ଏକ ସୁଯୋଗ ସୃଷ୍ଟି କରିଛି। ଏହି ବନ୍ଦର ଏକ ରଣନୀତିକ ପ୍ରକଳ୍ପ। ଇସ୍ରାଏଲର ପ୍ରତିରକ୍ଷା ଶିଳ୍ପଗୁଡିକ ଏହି ବନ୍ଦର ନଗରୀରେ ରହିଥିବା ହେତୁ ଏଠାରୁ ଅଧିକ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ହୋଇଥାଏ। ଏହି ବନ୍ଦର ସହର ସହ ଭାରତର ଐତିହାସିକ ସଂପର୍କ ରହିଆସିଛି। ପ୍ରଥମ ବିଶ୍ୱଯୁଦ୍ଧ କାଳରେ ବ୍ରିଟେନ-ଅଟୋମନ ସଂଘର୍ଷରେ ଭାରତର ଘୋଡାସବାର ବାହିନୀ (୪୦୦ ଯବାନ) ତୁର୍କୀ ଏବଂ ଜର୍ମାନୀର ମିଳିତ ବାହିନୀକୁ ହରାଇ ହାଇଫା ସହରକୁ ମୁକ୍ତ କରିଥିଲେ। ସେହି ଘଟଣାକୁ ଇସ୍ରାଏଲର ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଭାବେ ବର୍ଣ୍ଣନା କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଏହି ବନ୍ଦରର ବାଟରେ ସଂଖ୍ୟାଧିକ ଇହୁଦୀ ଜର୍ମାନୀ ଗଣହତ୍ୟାରୁ ରକ୍ଷାପାଇବା ଲାଗି ବାହାରକୁ ଖସିଯିବା ପାଇଁ ସକ୍ଷମ ହୋଇଥିଲେ। ହାଇଫା ହେଉଛି ଇସ୍ରାଏଲର ଦ୍ୱିତୀୟ ବୃହତ ବନ୍ଦର। ଆଦାନୀ ପୋର୍ଟ ହାତକୁ ଏହି ବନ୍ଦର ଆସିବା ପରେ ମଧ୍ୟପ୍ରାଚ୍ୟରେ ଭାରତର ଶକ୍ତିବୃଦ୍ଧି ହେବ। କାରଣ ଆଗାମୀ ଦିନମାନଙ୍କରେ ଭାରତ-ଇସ୍ରାଏଲ-ୟୁଏଇ ମଧ୍ୟରେ ୧୧୦ ବିଲିଅନ ଡଲାରର ବାଣିଜ୍ୟ ହେବାର ସମ୍ଭାବନା ରହିଛି। ଏ କ୍ଷେତ୍ରରେ ହାଇଫା ବନ୍ଦର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଇତିମଧ୍ୟରେ ଚୀନ ୬୩ଟି ଦେଶର ୧୦୦ ବନ୍ଦର ହାତକୁ ନେଇସାରିଲାଣି। ଭାରତର ସରକାରୀ ବନ୍ଦର କମ୍ପାନୀମାନେ ଏହି କାର୍ଯ୍ୟ ବିଦେଶରେ କରିବାକୁ ସକ୍ଷମ ନଥିବା ଯୋଗୁ ବେସରକାରୀ କମ୍ପାନୀ ଅଧିକରୁ ଅଧିକ ବନ୍ଦର ଦଖଲ କରିବା ଭାରତ ସରକାରଙ୍କ ଇଚ୍ଛା ରହିଛି।

ଭାରତ ସରକାର ଚାହିଁଲେ ମଧ୍ୟ ଚୀନର ଆର୍ଥିକ ଋଣକୁ ସିଧାସଳଖ ବିଦେଶରେ ହ୍ରାସ କରିବା ସମ୍ଭବପର ନୁହେଁ। କିନ୍ତୁ ଚୀନର ବେଲ୍ଟ ଏଣ୍ଡ ରୋଡ ପ୍ରକଳ୍ପର ବିକଳ୍ପ ଭାବେ ଆଦାନୀଙ୍କ ପରି ଗୋଷ୍ଠୀ ବିଦେଶରେ ନିବେଶ ମାଧ୍ୟମରେ ଚୀନର ସାମ୍ନା କରିପାରିବେ। ଯେମିତି ପ୍ରଦୂଷଣମୁକ୍ତ ବିଦ୍ୟୁତ ଉତ୍ପାଦନରେ ଆଦାନୀ ଗ୍ରୁପ୍ ସବୁଠୁ ଆଗରେ ରହିଛି, ସେମିତି ଗ୍ରୀନ ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ କମ୍ପାନୀ ତିନୋଟି ବଡ କାରଖାନା ଭାରତରେ ବସାଇଛି। ଆଗାମୀ ଦଶବର୍ଷରେ କମ୍ପାନୀ ୧୦୦ ବିଲିଅନ ଡଲାର ନିବେଶ କରିବାକୁ ଲକ୍ଷ୍ୟ ରଖିଥିବା କଥା ଗୌତମ ଆଦାନୀ ନିକଟରେ ଫୋର୍ବେସ ଗ୍ଲୋବାଲ ସିଇଓ ସମ୍ମିଳନୀ (ସିଙ୍ଗାପୁର)ରେ ଯୋଗଦେଇ କହିଥିଲେ। ୧୩୫ ବିଲିଅନ ଡଲାରର ମାଲିକାନା ଥିବା ଏହି ଗ୍ରୁପ ନିଜ ପରିବାର ପାଇଁ ବିଦେଶରେ ଘର କରିବ ନାହିଁ ବୋଲି ସ୍ପଷ୍ଟ କହିଛି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଯେ ଅମ୍ବାନୀଙ୍କ ପରି ଆଦାନୀ ନ୍ୟୁୟର୍କ କିମ୍ବା ଦୁବାଇରେ ପରିବାର ପାଇଁ ଘର କିଣିବା ସମ୍ଭାବନା ରହିଛି। କିନ୍ତୁ ଆଦାନୀ ପରିବାର ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ବିଦେଶ ମାଟିରେ ଭାରତର ରଣନୀତିକ ସ୍ୱାର୍ଥରେ ଚୀନର ପ୍ରକଳ୍ପ ଏବଂ ନୀତିର ବିରୋଧ କରିବାରେ ଆଦାନୀ ପ୍ରଥମ ଭାରତର ଶିଳ୍ପପତି। ଏସିଆର ପ୍ରଥମ ଏବଂ ପୃଥିବୀର ତୃତୀୟ ଧନୀ ଆଦାନୀଙ୍କଠାରୁ ଆଗାମୀ ଦିନରେ ଭାରତ ବହୁକିଛି ଆଶାକରେ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମହାତ୍ମାଗାନ୍ଧୀ ଓ ତାଙ୍କ ଶିକ୍ଷକ

ଆଚରଣ ଓ ଉଚ୍ଚାରଣ
•••ଦାସେ•••

ଗୋଟେ କାହାଣୀ ଥିଲା। କାହାଣୀର ନାୟକ ମହାତ୍ମାଗାନ୍ଧୀ। ସେ ଥରେ ଗୋଟିଏ ଇଂରାଜୀ ଶବ୍ଦ ବନାନ୍ ଭୁଲ୍ ଲେଖିଥିଲେ ଜଣେ ପରିଦର୍ଶକଙ୍କ ପଚରା ଉତ୍ତାରେ ଓ ତାଙ୍କ ସାଙ୍ଗ ପିଲାଙ୍କ ଗହଣେ। ବନାନ୍‌ଟି



ଭୁଲ୍ ହେବାରୁ ତାଙ୍କ ଶିକ୍ଷକ ତାଙ୍କ ପାଦକୁ ଟିପିଦେଇ ମାନେ ପ୍ରକାରାନ୍ତରେ ଠାରିଦେଇ କହିଥିଲେ, "ଖଞ୍ଜ କରି ଅନ୍ୟ ପିଲାଙ୍କ ଖାତାରୁ ଦେଖି ବନାନ୍‌ଟିକୁ ଠିକ୍ କରିନେ।" ଗାନ୍ଧିଜୀ ତାଙ୍କ ଶିକ୍ଷକଙ୍କ କଥା ମାନି ନ ଥିଲେ। ମାନିଥିଲେ ସେ ମହାତ୍ମାଗାନ୍ଧୀ ହୋଇପାରି ନ ଥା'ନ୍ତେ! କାରଣ ଦେଖୁନାହାଁନ୍ତି ମହାତ୍ମାଗାନ୍ଧୀଙ୍କ ପରେ ଆଉ ଦ୍ୱିତୀୟ ମହାତ୍ମାଗାନ୍ଧୀ ଗୁଜରାଟର ପୋରବନ୍ଦର କ'ଣ କେଉଁଠାରେ ବି ଜନ୍ମ ନେଇନାହାଁନ୍ତି! ମାତ୍ର ଶିକ୍ଷକମାନେ ଏବେ ପୁଲା ପୁଲା ଆମ ଶିକ୍ଷକ/ଶିକ୍ଷିକା, ଆମେ ଶିକ୍ଷକ/ଶିକ୍ଷିକା ଓ ମୁଁ ଶିକ୍ଷକ/ଶିକ୍ଷିକା ନାମ ନେଇ!

ମାଟ୍ରିକ୍ ପରୀକ୍ଷା ସରିଲା। ସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା କ'ଣ ବେସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା ତାଙ୍କ ପିଲାଙ୍କୁ ୫୦ ମାର୍କର ଏକାଧିକ ପସନ୍ଦର ଉତ୍ତରକୁ ୭ ମିନିଟ୍‌ରୁ ଆରମ୍ଭ କରି ୫୭ ମିନିଟ୍ ପର୍ଯ୍ୟନ୍ତ ଡ଼ାକିଛନ୍ତି। ଏବେ ଚାଲିଥିବା ଦ୍ୱାଦଶ (+୨) କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାରେ ଅବସ୍ଥା ମଧ୍ୟ ତଦ୍ରୁପ। ବାଡ଼ ଯଦି ଫସଲ ଖାଇଯିବ ତେବେ ଅବସ୍ଥା କ'ଣ ହେବ? କିଛି କିଛି ପାହାଡ଼ିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷିକାମାନେ ମଧ୍ୟ ସେହି ଏକପ୍ରକାର ଡକାଡ଼କି କରୁଛନ୍ତି। ସବୁଠୁ ବଡ଼ କଥା ହେଲା ଏହିସବୁ ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷିକାମାନେ କପି ଯୋଗାଇବା ପାଇଁ ଯଦିଓ 'ଆଦର୍ଶ ଶିକ୍ଷକ/ଶିକ୍ଷିକା'ର ମାନପତ୍ର ପାଇନାହାଁନ୍ତି ତଥାପି ଛାତ୍ରଛାତ୍ରୀବତ୍ସଳ ବୋଲି ଆଦର୍ଶ ଶିକ୍ଷକ/ଶିକ୍ଷିକାର ମାନପତ୍ର ପାଇ ଘରେ ଟଙ୍ଗେଇ ଦେଇଛନ୍ତି। ଏଭଳି ମାନପତ୍ରର ନା ମାନ ଅଛି ନା ଏଭଳି ଆଦର୍ଶ ଶିକ୍ଷକ/ଶିକ୍ଷିକାଙ୍କର ଅଭାବ ଅଛି ଏ ଓଡ଼ିଶା ଭଳି ଶିକ୍ଷା ବିପର୍ଯ୍ୟସ୍ତ ଅଞ୍ଚଳରେ!

ପ୍ରବଳ ତାଗିଦ୍ ଓ ସଚେତନତା ସତ୍ତ୍ୱେ ମଧ୍ୟ ପାଠବିକାକେନ୍ଦ୍ରମାନଙ୍କରେ ସମୂହ କପି ଅଭିଯୋଗ ହୋଇଛି। 'ଏତେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଲେ', 'ଏତେ ପରୀକ୍ଷାର୍ଥୀ କପିକରି ଧରାପଡ଼ିଲେ', 'ବ୍ୟାପକ କପି', 'କପି ଯୋଗାଉଥିବା ପାଠବିକାଳୀ ସ୍କ୍ୱାର୍ଡ଼ ହାତରେ ଧରାପଡ଼ିଲେ', 'ପରୀକ୍ଷାରେ କପି ସମସ୍ତଙ୍କ ମୁଣ୍ଡବ୍ୟଥାର କାରଣ' ଏହିଭଳି ସବୁ ଶିରୋନାମାରେ ଖବର ଖବରକାଗଜ ମାନଙ୍କର ପୃଷ୍ଠା ମଣ୍ଡନ କରିଛି। ଏଭଳି ଶିରୋନାମା ଖବରକାଗଜରୁ ପଢି କିଛି ଲୋକ ଦୁଃଖିତ, ଚିନ୍ତିତ ଓ ବ୍ୟଥିତ। କିନ୍ତୁ ଯେଉଁମାନେ ଏହି କଳଙ୍କିତ କାର୍ଯ୍ୟର ଯୋଗାଡ଼ିଆ ଓ କଳଙ୍କିତ ନାୟକ ସେମାନେ ଦାନ୍ତ ନେଫେଡ଼େଇବାରେ ବ୍ୟସ୍ତ। ଏମିତି କିଛି ପାଠବିକାକେନ୍ଦ୍ର ବିଷୟରେ ଆଲୋଚନା କରିବା ଯେଉଁମାନେ ଆଉଟିକେ ଆଗକୁ ବଢି ପିଲାଙ୍କ ରଚନାରେ ସ୍ଥାନ ପାଇବା ପରିବର୍ତ୍ତେ ଖବରକାଗଜମାନଙ୍କର ନବକଳେବର ବୃଦ୍ଧି କରିଛନ୍ତି।

ଯେଉଁ ମଣିଷତିଆରି କାରଖାନାମାନ ଦିନେ ନିଜଠାରୁ ସୃଷ୍ଟିକରିଥିବା ଅଧ୍ୟାପକ, ଶିକ୍ଷକ, ଯନ୍ତ୍ରୀ ଇତ୍ୟାଦି ଇତ୍ୟାଦି ଲବ୍ଧପ୍ରତିଷ୍ଠିତ ଛାତ୍ରଛାତ୍ରୀମାନଙ୍କୁ ନେଇ ଗର୍ବ କରୁଥିଲା, ଆଜି ସେହି ମନୁଷ୍ୟତିଆରି କାରଖାନାମାନ କିଛି ମୁନାଫାଖୋର୍, ଅର୍ଥସର୍ବସ୍ୱ, କପିକରି ପାସ୍ କରି ପାଠବିକାକେନ୍ଦ୍ରମାନଙ୍କରେ ଭର୍ତ୍ତି ହୋଇଥିବା ପାଠବିକାଳୀ, ଚପରାଶି ଓ କିରାଣିମାନଙ୍କର କଳଙ୍କମୟ କଳାରେ କଳଙ୍କିତ। ସାମାନ୍ୟ ଟଙ୍କା ପାଇଁ ଯେତେବେଳେ କପିପ୍ରବଣ କେନ୍ଦ୍ରଗୁଡ଼ିକ ବାରମ୍ବାର ପରୀକ୍ଷା କେନ୍ଦ୍ର ହୋଇପାରୁଛି ସେଠାରେ ଦୋଷ କାହାର ତାହା ଜଳଜଳ ହୋଇ ଦେଖାଯାଉଛି। ସେ ପାଠବିକାଳୀ ମାନେ କେତେ ମହାନ୍ କହିଲେ ଯେଉଁମାନେ ନିଜ ଝିଅ, ପୁଅ ବା ଆତ୍ମୀୟର ପରୀକ୍ଷାରେ ଭଲ ହେବା ପାଇଁ ତାଙ୍କ ପାଠବିକାକେନ୍ଦ୍ରର ଅଲ୍‌ରାଉଣ୍ଡର୍ ପାଠବିକାଳୀଙ୍କୁ ନେଇ ତାଙ୍କ ଝିଅ, ପୁଅ ବା ଆତ୍ମୀୟ ବସିଥିବା ପ୍ରକୋଷ୍ଠରେ ଇନ୍‌ଭିଜିଲେଟର୍ ପକାଇପାରନ୍ତି! ଆଉ କିଛି ଧୌର୍ତ୍ତ ପାଠବିକାଳୀଙ୍କୁ ମାନିବାକୁ ହେବ ଯେଉଁମାନେ ଦଶନ୍ଧିରୁ ଅଧିକ ହେବ ଅବସର ନେଇସାରିଥିଲେ ମଧ୍ୟ ଏଯାବତ୍ ଆସି ନିର୍ଦ୍ଦିଷ୍ଟ ପାଠବିକାକେନ୍ଦ୍ରରେ ସିଟ୍ ପକେଇବାଠାରୁ ଆରମ୍ଭ କରି କିଏ ଲେଖିପାରିବନି ବୋଲି ତାକୁ ମିଛରେ ମିଳିମିଳା, ହାଡ଼ଫୁଟି ହୋଇଛି କହି ଅନ୍ୟ କାହାଦ୍ୱାରା ଲେଖାଇଦେଇପାରନ୍ତି ଓ କପି ଲେଖି ଯୋଗାଇବା କାର୍ଯ୍ୟରେ ନିୟୋଜିତ ହୁଅନ୍ତି! ସେମାନଙ୍କୁ ବି ଧନ୍ୟ କହିବ ଯେଉଁମାନେ ସାମାନ୍ୟ କେତେ ଟଙ୍କା ପାଇଁ ଏବଂ ତାଙ୍କ ଭଳି ଥୋଡ଼େ ଗଧ ସୃଷ୍ଟି କରିବା ପାଇଁ ନିଜର ଇଜ୍ଜତକୁ, ସମ୍ମାନକୁ ଏବଂ ମହତ୍‌ପଣିଆକୁ ବିକିଦେଇ ପାରୁଛନ୍ତି! ସେହି କେନ୍ଦ୍ର ଅଧୀକ୍ଷକ ମଧ୍ୟ ଧନ୍ୟବାଦାର୍ହ ଯେଉଁମାନେ କପି କରାଇବା, ଯୋଗାଇବା ଓ ଡାକିବା ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ଦାବିଦାର ଅଛନ୍ତି (ସେମାନେ ଅଭିଭାବକ ମାନଙ୍କଠାରୁ ମୋଟା ଅଙ୍କରେ ଅଙ୍କ ପକାଇ ସମସ୍ତଙ୍କ ସହ ସୁସଂପର୍କ ରକ୍ଷାକରି ନିଜେ ପ୍ରତି ପ୍ରକୋଷ୍ଠରେ ଯାଇ କପି ଡାକିପାରୁଛନ୍ତି! ଆଉ କିଛି କିଛି ମହାପାଠବିକାକେନ୍ଦ୍ରରେ ଥିବା ବିଜ୍ଞାନ ବିଭାଗର ପାଠବିକାଳିଗଣ ନଥିଲେ ବି ଅନ୍ୟକେଉଁଠାରୁ ପାଠବିକାଳୀ ମଗାଇ ବ୍ଲାକ୍‌ବୋର୍ଡ଼ ଅପରେସନ୍ ମଧ୍ୟ ନିଜେ କରୁଛନ୍ତି! ନିଜ ବିଷୟରେ ମଧ୍ୟ ଯେହେତୁ ଅଧକ୍ଷ ପଢାନ୍ତି ନାହିଁ, ଅନ୍ୟ ଯଜମାନିମାନେ ପଇସା ମାରି ଖାଇବାରେ ବ୍ୟସ୍ତ ଯୋଗୁଁ! କେମିତି ବେଶି ଡାକି ବ୍ୟକ୍ତିଗତ ସାହାଯ୍ୟ କରିପାରିବେ ସେହି ଯୋଜନାରେ ବ୍ୟସ୍ତ ରୁହନ୍ତି!)!

ଧନ୍ୟ ମଧ୍ୟ କହିବ କିଛି କିଛି କେନ୍ଦ୍ର ଅଧୀକ୍ଷକ, କେନ୍ଦ୍ର ଉପ-ଅଧୀକ୍ଷକ, କିରାଣି ଓ ପାଠବିକାଳୀଙ୍କୁ ଯିଏ ଗାନ୍ଧାରୀଙ୍କ ପରି ଅନ୍ଧପୁଟୁଳି ବାନ୍ଧି କପିକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିଲେ, କପିଗୁଡ଼ିକୁ ଏ ପ୍ରକୋଷ୍ଠରୁ ସେ ପ୍ରକୋଷ୍ଠକୁ ନେଇ ଦୌଡ଼ି ଦୌଡ଼ି ବାଣ୍ଟୁଥିଲେ, ଡାକି ଦେଉଥିଲେ ଏବଂ ନେହୁରା ହୋଇ କପି କାହାପାଖରେ ଅଛି ଦେଇଦିଅ ବୋଲି ମାଗୁଥିଲେ। ସାବାସି ମଧ୍ୟ ଦେବ ଚପରାଶିଗଣଙ୍କୁ ଯେଉଁମାନେ (ଅନ୍ୟ ଦିନମାନଙ୍କରେ ପାଠବିକାକେନ୍ଦ୍ରରେ ଅନୁପସ୍ଥିତ ରହନ୍ତୁ ପଛେ କିନ୍ତୁ ପରୀକ୍ଷା ଦିନମାନଙ୍କରେ ପଡ଼ିଉଠି ରାତିଦିନ ରୁହନ୍ତି ପରୀକ୍ଷାକେନ୍ଦ୍ରରେ!) କପି ଯୋଗାଡ଼ ଓ କପିଦେବା କାମରେ ନିଜକୁ ନିୟୋଜିତ କରିଥିଲେ ସୂତା କିମ୍ବା ପାଣିଦେବା ପରିବର୍ତ୍ତେ! ଅଭିଭାବକମାନେ ମଧ୍ୟ ପ୍ରଶଂସାର ପାତ୍ର କର୍ମକ୍ଷେତ୍ରକୁ ନଯାଇ ସୁଯୋଗ୍ୟ ବାପ ହିସାବେ କପି ଯୋଗାଡ଼ କରିବା ନିମିତ୍ତେ!

ଆମ ଛୋଟ ମଗଜରେ ଗୋଟେ ଛୋଟ ଚିନ୍ତାଟିଏ ଢୁକୁଛି। ଏହା ଉଭୟ ପରିଷଦବାଲାଙ୍କ କାମରେ ଲାଗିବାରେ ଆଦୌ ଅସୁବିଧା ହେବନାହିଁ ଯଦି ସେମାନେ ଏ ଚିନ୍ତାଟିକୁ କାର୍ଯ୍ୟକାରୀ କରିବେ। ଯେତେ ପରୀକ୍ଷାକେନ୍ଦ୍ର ହେବ ସବୁ ପରୀକ୍ଷାକେନ୍ଦ୍ରରେ ଅଧୀକ୍ଷକମାନେ ଶିକ୍ଷା ବିଭାଗ ତରଫରୁ ନିଯୁକ୍ତି ପାଇବେ ଏବଂ ସେମାନେ ସେ କେନ୍ଦ୍ରରେ ପରୀକ୍ଷାର ଦୁଇଦିନ ପୂର୍ବରୁ ଆସି ପରୀକ୍ଷା ସରିବାଯାଏଁ ରହିବେ। ଯେଉଁ ଯେଉଁ କେନ୍ଦ୍ରମାନଙ୍କରେ ରାତ୍ରରହଣୀର ଅସୁବିଧା ଅଛି ସେଠାରେ ପରୀକ୍ଷା କେନ୍ଦ୍ର ହେବନାହିଁ। ଏହାଦ୍ୱାରା ନିଶ୍ଚିତ ଭାବରେ କେନ୍ଦ୍ରରେ ଥିବା ଅନ୍ୟମାନଙ୍କର ଅଧୀକ୍ଷକଙ୍କୁ ଡର ରହିବ ଓ କପିର ପ୍ରଭାବ କମିଯିବ। ନାହିଁତ ତ୍ରିସ୍ତରୀୟ ଛାଡ଼ି ପାଞ୍ଚସ୍ତରୀୟ କପିରୋକା ବ୍ୟବସ୍ଥା କଲେ ମଧ୍ୟ କପିକୁ ରୋକାଯାଇ ପାରିବନି; ବରଂ ନିଜ ପିଲା ନିଜ ପାଠବିକାକେନ୍ଦ୍ରରେ ପରୀକ୍ଷା ଦେବାର ଫାଇଦା ଉଠାଇବେ। କପି ରୋକାଯାଇ ପାରିବ; ମାତ୍ର ପାଠବିକାଳୀଙ୍କ ଦ୍ୱାରା ଡାକିବା ରୋକାଯାଇପାରିବ ତ? ରୋକାଯାଇପାରିବ ଯଦି ସ୍କ୍ୱାର୍ଡ଼ିଂ ତିନି ଘଣ୍ଟିଆ ହେବ। ଏଠିକି ଛୁଇଁ ସେଠିକି ଯାଇ ବୁଲି ପଳାଇଲେ କପିକୁ ରୋକାଯାଇପାରିବ ନାହିଁ।

ଶିକ୍ଷାବିଭାଗର ସଚିବମାନେ ସିନା ଭଲପାଠ ପଢିଛନ୍ତି ବୋଲି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହୋଇ ତାଙ୍କ ଦୃଷ୍ଟିରେ ଶିକ୍ଷାବିଭାଗକୁ ଦେଖୁଛନ୍ତି; ମାତ୍ର ଦୁଃଖର କଥା ଶିକ୍ଷା ବିଭାଗ ଏବେ ପ୍ରାୟ ନିରୋଳା ଗଧମାନଙ୍କ ଆଶ୍ରୟସ୍ଥଳ ହୋଇଛି। ଯେନତେନ ପ୍ରକାରେଣ କପିଟପି କରି ଶିକ୍ଷାବିଭାଗକୁ ମାଡ଼ିବସିଛନ୍ତି ଦଳେ ମୂର୍ଖ, ଯାହାର ପରିଣାମ ଏବେ ସବୁପ୍ରକାର ସଚେତନତା ସତ୍ତ୍ୱେ ସମୂହ କପି ଅଭିଯୋଗ ଭାବେ ପ୍ରକାଶିତ। ନା, କ'ଣ କହୁଛନ୍ତି ଆଜ୍ଞା?




# ଦିନରେ ଲଣ୍ଠନ ଦେଖାଉଥିବା ଶାସକ ଦଳକୁ ପଦ୍ମପୁରବାସୀ ଭୋଟ୍ ମାଧ୍ୟମରେ ଲାଇଟ୍ ଦେଖାଇବେ : ଧର୍ମେନ୍ଦ୍ର ପ୍ରଧାନ

ପଦ୍ମପୁର/ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ କରି ବାହାବା ନେବାର ଅପଚେଷ୍ଟା କରୁଛନ୍ତି । ଓଡ଼ିଶା ସରକାରଙ୍କ ପାଖରେ ସୃଜନଶୀଳତା ନାହିଁ । ନୂଆ ଭାବିବା ପାଇଁ ଆଉ ତାଙ୍କର କଳ୍ପନା ଓ ଇଚ୍ଛାଶକ୍ତି ନାହିଁ । ଓଡ଼ିଶା ସରକାର ଥକି ଗଲେଣି । ମାଛ ତେଲରେ ମାଛ ଭାଜିବା ସହ ପର ଘର ତିଅଣରେ ଅତିଥି ସତ୍କାର କରିବାର ନୀତି ସ୍ଥାନୀୟ ସରକାର ଆପଣାଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପଦ୍ମପୁର ନିର୍ବାଚନମଣ୍ଡଳୀରେ ନିଜ ପ୍ରଚାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପାଇକମାଲ ବ୍ଲକ ବାଦିକଟା, ପଦ୍ମପୁର ବ୍ଲକର ଖଇରପାଲି ଓ ଦହିତା ଠାରେ ଆୟୋଜିତ ଜନସଭାକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି ଯେ ଦୀର୍ଘ ୨୨ ବର୍ଷରେ ଯେଉଁମାନେ ଲୋକମାନଙ୍କୁ ମୌଳିକ ସୁବିଧା ଦେଇପାରିଲେ ନାହିଁ ସେମାନେ ଆଜି ମିଛ ସୁଆଙ୍ଗ ରଚୁଛନ୍ତି । ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେଡି ନିର୍ବାଚନର ବୈତରଣୀ ପାର୍ ହେବା ପାଇଁ ଚାହୁଁଛି । ଏହି ସଂଗ୍ରାମୀ ମାଟି ଶାସକ ଦଳର ଷଡଯନ୍ତ୍ରର ଉଚିତ ଜବାବ୍ ଦେବ । ଦିନରେ ଲଣ୍ଠନ ଦେଖାଉଥିବା ଶାସକ ଦଳର ଲୋକଙ୍କୁ ପଦ୍ମପୁରବାସୀ ଭୋଟ୍ ମାଧ୍ୟମରେ ଲାଇଟ୍ ଦେଖାଇବେ । ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟ ସରକାର ଭାରତ ସରକାରଙ୍କ ଯୋଜନାର ଶ୍ରେୟ ନେବା ପାଇଁ ସେ ସବୁ ଯୋଜନାକୁ ମୁଁ କରିବାର ଅପଚେଷ୍ଟା କରୁଛନ୍ତି । ସେହି କ୍ରମରେ ରାଜ୍ୟରେ ମହିଳାଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ଘୋଷଣା କରାଯାଇଛି । ଏହା ଭାରତ ସରକାରଙ୍କ ଗ୍ରାମୀଣ ବିକାଶର ଏକ ଯୋଜନା । ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ଗ୍ରାମାଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ଦୀନଦୟାଲ ଅନ୍ତୋଦୟ ଯୋଜନା -ଜାତୀୟ ଗ୍ରାମୀଣ ଜୀବିକା ମିଶନ ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଭାରତ ସରକାର ଭାରତୀୟ ବ୍ୟାଙ୍କ ମାନଙ୍କରୁ ମହିଳାମାନଙ୍କୁ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱଳ୍ପ ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ବ୍ୟବସ୍ଥା କରିଛନ୍ତି । ସୁଧର ହାର ୧୧ ପ୍ରତିଶତ ଥିବା ବେଳେ ମୋଦି ସରକାର ଅଧିକ ଭାଗ ୭ ପ୍ରତିଶତ ସୁଧ ହାରରେ ରିହାତି ଦେଇ ସେହି ସୁଧ ହାରକୁ ନିଜେ ବହନ କରି ସ୍ୱଳ୍ପ ହାରରେ ମହିଳା ମାନଙ୍କୁ ଋଣ ଦେଇ ସେମାନଙ୍କୁ ଆତ୍ମନିର୍ଭର କରିବାର ବ୍ୟବସ୍ଥା କରିଛନ୍ତି । ଏହି ବଳକା ସୁଧ ହାର ରାଜ୍ୟ ସରକାର ଛାଡ କରି ପଦ୍ମପୁର ନିର୍ବାଚନକୁ ଆଖିରେ ରଖି ମହିଳାଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ଘୋଷଣା କରିବା ଚଞ୍ଚକତାର ବିଷୟ ।ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଆଜି ପ୍ରତିଦିନ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ସରକାର ଏହି ବିଷୟରେ ସ୍ୱଷ୍ଟୀକରଣ ଦିଅନ୍ତୁ । ଇନପୁଟ ସବସିଡି ଘୋଷଣାର ପ୍ରାୟ ଅନେକ ଦିନ ପରେ ବି ଟଙ୍କା ଆସିନାହିଁ । ପଦ୍ମପୁରକୁ କେତେ ଇନପୁଟ ସବସିଡି ଦେବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବେ କି ? ନୂତନ ଜିଲ୍ଲା ହେବା ପାଇଁ ପଦ୍ମପୁରର ସମସ୍ତ ଯୋଗ୍ୟତା ରଖୁଥିବା ପରେ ମଧ ଜିଲ୍ଲା ହେଲା ନାହିଁ । ସତରେ ଏ ଅଞ୍ଚଳ ପ୍ରତି ପ୍ରତିବଦ୍ଧତା ଥିଲେ ବିଜେଡ଼ି ସଭାପତି ନୁହେଁ ବରଂ ମୁଖ୍ୟମନ୍ତ୍ରୀ ଭାବରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବାର ଘୋଷଣା କରନ୍ତୁ ।ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆବଣ୍ଟନ ପାଇଁ ପଇସା ଆବଣ୍ଟନ କରୁଥିଲେ ସୁଦ୍ଧା ଭ୍ରଷ୍ଟାଚାରୀ ସରକାର ଘରେ ଉପଲବ୍ଧ କରାଉନାହାନ୍ତି । ଆବାସ ପ୍ଲସ ପୋର୍ଟାଲ ବାରମ୍ବାର ଖୋଲାଯିବା ପରେ ମଧ ରାଜ୍ୟ ସରକାର କେନ୍ଦ୍ରକୁ ଯୋଗ୍ୟ ହିତାଧିକାରୀଙ୍କ ନାଁ ଦେଲେ ନାହିଁ । ପଶ୍ଚିମ ଓଡ଼ିଶାକୁ ଅଣଦେଖା କଲେ । ପିଏମ ଆବାସରେ ଓଡିଶାର ସବୁ ଜିଲ୍ଲାର ଲୋକମାନଙ୍କ ନାଁ ଗଲେ ଭାରତ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବାର ବ୍ୟବସ୍ଥା କରିବେ ।ବିଧାନସଭାରେ ପ୍ରତି ଗ୍ରାମକୁ ପାନୀୟ ଜଳ ଯୋଗାଣ ପ୍ରଶ୍ନରେ ରାଜ୍ୟ ସରକାର ମିଛ କହୁଛନ୍ତି । ପାନୀୟ ଜଳ ନପାଇ ଜନସାଧାରଣ ନଦୀ, ପୋଖରୀ, ଚୁଆର ପାଣି ବ୍ୟବହାର କରିବା ସରକାରଙ୍କ ଦୃଷ୍ଟିଗୋଚର ହେଉନଥିବା କହୁଥିବା ବେଳେ ବାସ୍ତବରେ ଏବେ ବି ବରଗଡ ଜିଲ୍ଲାର ମହିଳାମାନେ ନଦୀ ଓ ପୋଖରୀକୁ ପାଣି ଆଣିବା ପାଇଁ ଯାଉଛନ୍ତି ।କୁନା ପୁରୋହିତ ଏ ଅଞ୍ଚଳର ସ୍ୱାଭିମାନର ପ୍ରତୀକ । ଆଗାମୀ ୫ ତାରିଖରେ ପଦ୍ମ ଫୁଲରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି

## କୋଟପାଡ଼ରେ ବଢୁଛି ଚୋରି

ଜୟପୁର,(ପି.ଏନ):କୋଟପାଡ଼ ସହରରେ ପୁଣି ସକ୍ରିୟ ହେଉଛନ୍ତି ଚୋର। ପଞ୍ଜାବ ନେସନାଲ ବ୍ୟାଙ୍କ ଶାଖାର ରହିଥିବା ଏଟିଏମରୁ ଟଙ୍କା ଲୁଟ ଉଦ୍ୟମ ହୋଇଛି। ରାତି ୨ଟା ସମୟରେ ଏହି ଘଟଣା ଘଟିଥିବା ବ୍ୟାଙ୍କ ଶାଖା ସିସିଟିଭି ଫୁଟେଜରୁ ଜଣାପଡିଛି। ଏଥିରେ ଗୋଟିଏ ଡକାୟତ ମୁହଁରେ କପଡା ବାନ୍ଧି ସିସିଟିଭି କ୍ୟାମେରାରେ ଜରି ଘୋଡାଇ ଏଟିଏମ ଭାଙ୍ଗିବାକୁ ଉଦ୍ୟମ ଚଲାଇଥିଲା, କିନ୍ତୁ ଟଙ୍କା ଲୁଟି ନେବାରେ ବିଫଳ ହୋଇଥିଲା। କୋଟପାଡ଼ ପୋଲିସ ଘଟଣାସ୍ଥଳରେ ପହଂଚି ଖୋଳତାଡ଼ ଆରମ୍ଭ କରିଛି। ବ୍ୟାଙ୍କ ସିସିଟିଭି ଫୁଟେଜରେ କୟଦ ଦୃଶ୍ୟକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଟିଏମ ଭାଙ୍ଗିବାରେ ବ୍ୟବହାର ହୋଇଥିବା ଉପକରଣକୁ ଜବତ କରିଛି। ସେହି ରାତ୍ରିରେ କୋଟପାଡ଼ ରେଞ୍ଜର ଅଫିସ ପଛ କୋଟପାଡ଼ ମହାବିଦ୍ୟାଳୟ ପ୍ରିନସିପାଲ ରେଣୁକା ଦାଶଙ୍କ ଭଡାଘରୁ ମଧ ଚୋରି ହୋଇଛି। ରହୁଥିବା ତାଙ୍କ ଘରେ ପଶି ଲକର ଭାଙ୍ଗି ଦୁଇ ଲକ୍ଷରୁ ଉର୍ଦ୍ଧେ ଟଙ୍କା ଏବଂ ସୁନା ଗହଣା ଲୁଟି ନେଇଛନ୍ତି ଲୁଟେରା।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ସନ୍ଥ ଯଶୋବନ୍ତ ପୀଠରେ ବୈଦିକ ବିଦ୍ୱାନ ଡଃ ଜ୍ଞାନେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ପି.ଏନ): ଉତ୍କଳୀୟ ଧାର୍ମିକ ପରମ୍ପରାରେ ପନ୍ଦରଶହ ଦଶକର ଶେଷ ଭାଗରେ ଉତ୍କଳୀୟ ପ ସଖାଙ୍କ ମଧ୍ୟରେ ସନ୍ଥ ଯଶୋବନ୍ତ ଦାସ ଅନ୍ୟତମ। ଗତକାଲି ପୂଣ୍ୟାତ୍ମା ଯଶୋବନ୍ତଙ୍କ ଜନ୍ମ, ସାଧନା ଓ ସମାଧି ପୀଠ ଅଡଙ୍ଗଗଡ଼ ନାଇଲୋଠାରେ ସନ୍ଥଙ୍କ ଶ୍ରାଦ୍ଧୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସରରେ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ତରଫରୁ ଏକ ସାହିତ୍ୟ ସଭା ଓ ଧର୍ମ ସମ୍ମିଳନୀ ସ୍ଥାନୀୟ ବିଧାୟକ ଇଂ ବିଜୟ ଶଙ୍କର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଂସ୍କୃତ ବିଦ୍ୱାନ, ବେଦ ପ୍ରଚାରକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ସମାଜସେବା, ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ କାର୍ଯ୍ୟ ପାଇଁ ସାହିତ୍ୟ ପ୍ରତିଭା ସମ୍ମାନରେ ଖଣ୍ଡପଡ଼ା ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, କିସ୍ ଓ କିଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କୁ ପ୍ରଦାନ କରାଯାଇଥିଲା। ଡଃ ସାମନ୍ତଙ୍କ ପକ୍ଷରୁ କାଦମ୍ବିନୀର ସମ୍ପାଦିକା ଡଃ ଇତି ସାମନ୍ତ, ଶ୍ରୀ ପଟ୍ଟନାୟକଙ୍କ ପକ୍ଷରୁ ବରିଷ୍ଠ ସାମ୍ବାଦିକ ରାଜେଶ ନାୟକ ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ସନ୍ଥ ଯଶୋବନ୍ତ ଜଗତସିଂହପୁର ଜିଲ୍ଲାରେ ପ୍ରଣମ୍ୟ ପୁରୁଷ ଥିଲେ। ଆମେ ତାଙ୍କ ପାଇଁ ବର୍ଗିତ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍‌ସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଘ୍;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ସଚିବାଳୟକୁ ଧସେଇ ପଶିଲେ ନବନିର୍ମାଣ ଯୁବଛାତ୍ର ସଂଗଠନ

ଭୁବନେଶ୍ୱର,(ପି.ଏନ): ପୁଣିଥରେ ରାଜ୍ୟ ସରକାର ଓ ପୋଲିସ୍ ବାହିନୀକୁ ଚକମା ଦେଇଛି ନବନିର୍ମାଣ ଯୁବଛାତ୍ର ସଂଗଠନ। ପୂର୍ବରୁ ରୁଚିକା ମହାନ୍ତି ର୍ୟାଗିଂ ଓ ଆତ୍ମହତ୍ୟା ଘଟଣାରେ ଖୁବ୍ ହଲାଗୋଲା କରିଥିଲା ନବନିର୍ମାଣ ଯୁବଛାତ୍ର ସଂଗଠନ। ଦିନ ଦିନ ଧରି ବିଜେବି କଲେଜ ସାମ୍ନାରେ ଏନ୍‌ୱାଇସିଏସ୍ ତରଫରୁ ଧାରଣା ଦିଆଯାଇଥିଲା। ସରକାର ଆନ୍ଦୋଳନକୁ ଭାଙ୍ଗି ଦେଇଥିଲେ ସୁଦ୍ଧା ରୁଚିକା ମହାନ୍ତିଙ୍କ ଘଟଣାରେ ରୁଚିକାଙ୍କ ମାଆଙ୍କୁ ନ୍ୟାୟ ମିଳିନଥିଲା। ସରକାର ଏହାପରେ ର୍ୟାଗିଂ ଘଟଣା ନେଇ ନିଜର ବୟାନ ରଖି ର୍ୟାଗିଂର ନିୟନ୍ତ୍ରଣ ପାଇଁ ଆଇନ ଆଣିବେ ବୋଲି ପ୍ରତିଶ୍ରୁତ ଦେଇଥିଲେ ମଧ ବ୍ରହ୍ମପୁରରେ ପୁଣି ର୍ୟାଗିଂ ହେଲା। ଯେଉଁଥିରେ ଶାସକ ଦଳ ଛାତ୍ରନେତା ସମ୍ପୃକ୍ତ ଥିବାର ଭିଡ଼ିଓ ଦେଖିବାକୁ ମିଳିଲା। ଏହା ସତ୍ତ୍ୱେ ସରକାର ନିଜ ଆଡୁ କୌଣସି କାର୍ଯ୍ୟାନୁଷ୍ଠାନ ନେଲେନାହିଁ। ସତେ ଯେମିତି ସରକାର ଅପେକ୍ଷା ରଖିଥିଲେ ସବୁ ଅ ଳରେ ଏଭଳି ର୍ୟାଗିଂ ଘଟୁ ଓ ନୀରିହ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଗଡୁ।ଏ ନେଇ ବିକ୍ଷୁବ୍ଧ ଥିବା ନବନିର୍ମାଣ ଯୁବଛାତ୍ର ସଂଗଠନ ହଠାତ ସଚିବାଳୟ ଭିତରକୁ କର୍ମିଙ୍କୁ ନେଇ ପ୍ରବେଶ କରିଥିଲା। ହାତରେ ଥିଲା ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲାକାଡ଼। ଯୁବଛାତ୍ର କର୍ମୀମାନେ ସ୍ଲୋଗାନ ଦେଇ ଚିତ୍କାର କରିଥିଲେ ଯେ, କେବେ ର୍ୟାଗିଂ ବନ୍ଦ ହେବ ଜବାବ ଦିଅ, ରୁଚିକା ମହାନ୍ତି ହତ୍ୟା ଘଟଣାରେ ୫ ମାସ ପରେ ପୋଲିସ୍‌ର ହାତ କାହିଁକି ଖାଲି ଜବାବ ଦିଅ, ର୍ୟାଗିଂ ବିରୁଦ୍ଧରେ କେବେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବ ଜବାବ ଦିଅ, ଗାଁକୁ କାମ, ମା'କୁ ସମ୍ମାନ ସ୍ଲୋଗାନ କେଉଁଠି କାର୍ଯ୍ୟକାରୀ ହେଉଛି ଜବାବ ଦିଅ।

# ମୋ ଓଡ଼ିଶା

## ଓବେସୋଫୋବିଆ





ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବ୍ଲୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତିର କାରଣ ବୁଝି ଡାକ୍ତର ଏହାର ଚିକିତ୍ସା କରିଥାନ୍ତି। ଥେରାପି ଏବଂ ବ୍ରେନ୍ ଏକ୍ସରସାଇଜରେ ମଧ୍ୟ ଭଲ ହୋଇପାରେ।

**—ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩**

## ଗୁଜରାଟ ନିର୍ବାଚନ ନିମନ୍ତେ କୈଳାସ ସାହୁ ପର୍ଯ୍ୟବେକ୍ଷକ ନିଯୁକ୍ତ



ରାଉରକେଲା (ପିଏନ୍): ନିକଟରେ ଅଖିଳ ଭାରତ କଂଗ୍ରେସ କମିଟି ଓବିସି ବିଭାଗର ରାଷ୍ଟ୍ରୀୟ ସହ-ସଂଯୋଜକ ନିଯୁକ୍ତ ହୋଇଥିବା କୈଳାସ ଚନ୍ଦ୍ର ସାହୁଙ୍କୁ ଗୁଜରାଟ ବିଧାନସଭା ନିର୍ବାଚନ ନିମନ୍ତେ ଏଆଇସିସି ତରଫରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଗୁଜରାଟର ଗିରି ସୋମନାଥ ଜିଲ୍ଲାର ୯୩-ଉନ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିବାକୁ ଏଆଇସିସି ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ସାହୁ ଏହି ନିର୍ବାଚନରେ ଉପରୋକ୍ତ ସ୍ଥାନରୁ ପ୍ରାର୍ଥୀ ହୋଇଥିବା ବିଧାୟକ ପାବୀଭାଇ ବଂଶଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ୍ ହେବେ। ଶ୍ରୀ ସାହୁଙ୍କ ନିଯୁକ୍ତି ସମ୍ପର୍କରେ ଏଆଇସିସି ଓବିସି ବିଭାଗର ରାଷ୍ଟ୍ରୀୟ ଅଧକ୍ଷ କ୍ୟାପଟେନ ଅଜୟ ସିଂହ ଯାଦବ ତାଙ୍କ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ରାଉରକେଲା ଜିଲ୍ଲା କଂଗ୍ରେସ ଦଳର ଜଣେ କର୍ମଠ, କର୍ତ୍ତବ୍ୟନିଷ୍ଠ ତଥା ସୁସଙ୍ଗଠକ ଭାବେ ଜଣାଶୁଣା ଶ୍ରୀ ସାହୁଙ୍କ କାର୍ଯ୍ୟଦକ୍ଷତାକୁ ପ୍ରତିପାଦିତ କରୁଛି। ଖୁବ୍ କମ୍ ସମୟରେ ସେ ଜିଲ୍ଲାସ୍ତରରୁ ରାଷ୍ଟ୍ରୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ଶ୍ରୀ ସାହୁଙ୍କ ଉପରେ ଦଳ ଆସ୍ଥା ସ୍ଥାପନ କରିଥିବାରୁ ଏହାକୁ ସଠିକ୍ ଭାବେ ପାଳନ କରି ଦଳର ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ସାହୁ କହିଛନ୍ତି।

## 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'



ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚ୍ଛଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା। ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡ଼ିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ-୨୦୨୨ ଅବସରରେ ଆସନ୍ତା ଡିସେମ୍ବର ୪ ତାରିଖରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପୂର୍ବାହ୍ନ ୯ଟା୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ ସହିତ ଚଳିତବର୍ଷ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ଚଳିତବର୍ଷ ବିଶିଷ୍ଟ କବୟିତ୍ରୀ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ବିଶିଷ୍ଟ ପ୍ରାବନ୍ଧିକ ତଥା ଗବେଷକ ଡକ୍ଟର ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ', ବିଶିଷ୍ଟ ବ୍ୟଙ୍ଗକବି ସତ୍ୟାନାଶଙ୍କୁ 'ବ୍ୟଙ୍ଗରାଜ ସମ୍ମାନ', ବିଶିଷ୍ଟ ଭାଷ୍ୟକାର ତଥା ସଂଯୋଜକ ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କୁ 'କୋଣାର୍କ ଉତ୍ସବ ସମ୍ମାନ', ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳଙ୍କୁ 'କୋଣାର୍କ କଳା ସମ୍ମାନ', ଭୁବନେଶ୍ୱରସ୍ଥିତ ଇଫକୋ କାର୍ଯ୍ୟାଳୟକୁ 'ଓଡିଆ ରାଜଭାଷା ସମ୍ମାନ', ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାଜକିଶୋର ଗୋଛାୟତଙ୍କୁ 'ଅର୍କସ୍ୱର ସମ୍ମାନ', ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ 'କୋଣାର୍କ ସେବା ସମ୍ମାନ' ଓ କବୟିତ୍ରୀ ସୁଜାତା ସିହ୍ନାଙ୍କୁ 'ମା ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ'ର ପାଠକାର୍ପଣ କରାଯିବ। ସାହିତ୍ୟ ଓ ଚିତ୍ରକଳାର ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସାରସ୍ୱତ ଉତ୍ସବରେ ଓଡିଶା ତଥା ରାଜ୍ୟ ବାହାରୁ ଦୁଇଶହରୁ ଅଧିକ ସାହିତ୍ୟ ସାଧକ ଓ ସାହିତ୍ୟପ୍ରେମୀ ଯୋଗଦେବେ ବୋଲି କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଂଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ସମାଜସେବୀ ନିରଞ୍ଜନ ସାହୁ, ରାମକୃଷ୍ଣ ମହାନ୍ତି, ନିରଂଜନ ତ୍ରିପାଠୀ ଓ କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ଼ କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମୁଖ୍ୟଅତିଥି ଓ ସ୍ତମ୍ଭକାର ନବଘନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ମହତାବଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, ଶିଶୁ ସାହିତ୍ୟିକ ଡ. ମହେଶ୍ୱର ଜେନାସାମନ୍ତ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ସାହିତ୍ୟିକ ଧ୍ରୁବ ଚରଣ ବିଶ୍ୱାଳ, ଗୋବିନ୍ଦଚନ୍ଦ୍ର ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶରତ କୁମାର ଶତପଥୀ, ଗଣେଶ୍ୱର ବେହେରା, ସତ୍ୟାନନ୍ଦ ପ୍ରଧାନ, ଅଖିଳ କୁମାର ସ୍ୱାଇଁ, ସରୋଜିନୀ ପଣ୍ଡା ଓ କାଦମ୍ବିନୀ ମିଶ୍ର ଯୋଗଦେଇ ଡ. ମହତାବଙ୍କ ସାହିତ୍ୟକୃତି, ସାମ୍ବାଦିକତା ଓ ରାଜନୈତିକ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗବେଷିକା ଡ. ସସ୍ମିତା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ରାସ୍ତାରେ ବୋହିଯାଉଛି କେନାଲ ପାଣି



ଧର୍ମଶାଳା (ପିଏନ୍): ଚାଷଜମିକୁ ଜଳସେଚନ କରିବାପାଇଁ କେନାଲ୍ ମାଧ୍ୟମରେ ପାଣି ଛଡ଼ାଯାଉଛି। ହେଲେ ନିମ୍ନମାନର ମରାମତି କାମ ପାଇଁ ରାସ୍ତାରେ ବୋହିଯାଉଛି କେନାଲ୍ ପାଣି। ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାରେ ଏଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି। ଦୁର୍ବଳ କେନାଲ ବନ୍ଧ ଓ ମରାମତି ଅଭାବରୁ କେନାଲରୁ ପାଣି ବୋହିଯାଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି। ପାଣିକାଦୁଅ ରାସ୍ତାରେ ଯାତାୟାତ କରିବା ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି। ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବିରୂପା ନଦୀରୁ ହାଇଲେଭଲ୍ କେନାଲ୍ ମାଧ୍ୟମରେ ଧର୍ମଶାଳା ବ୍ଲକର ଛାଷଜମି ପାଇଁ ପାଣି ଛଡ଼ାଯାଏ। ହାଇଲେଭଲ୍ କେନାଲରୁ ୧୩ ଓ ୧୪ନମ୍ବର କେନାଲ୍ ଦେଇ ବିଭିନ୍ନ ଅଂଚଳକୁ ପାଣିଯାଉଛି। ଦୁବଗଡ଼ିଆ ମୌଜାରେ ୧୪ନମ୍ବର କେନାଲରୁ ବାହାରିଥିବା ଶାଖା କେନାଲରେ ଶଙ୍ଖାରିଡ଼ିହ ମୌଜାକୁ ପାଣି ଯାଇଥାଏ। ହେଲେ ଏହି ଶାଖା କେନାଲର ଦୁବଗଡ଼ିଆ ଗାଁ ଶ୍ମଶାନ ନିକଟରେ ବାରମ୍ବାର ଘଳିଆ ପଡୁଛି। କେନାଲରୁ ପାଣି ବାହାରି ନିକଟରେ ଥିବା ରାସ୍ତାରେ ପ୍ରବାହିତ ହେଉଛି। ଏହି ରାସ୍ତାରେ ସ୍ଥାନୀୟ ଉତର ଶାସନ, ନାଉପାଳ ଓ ଦୁବଗଡ଼ିଆ ଆଦି ଗ୍ରାମର ଶହ ଶହ ଲୋକ ଏବଂ ବହୁ ଗାଡ଼ିମୋଟର ଯାତାୟାତ କରୁଛନ୍ତି। ଅନେକ ସମୟରେ ଉକ୍ତ ରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଛି। ଫଳରେ ଯା'ଆସ କରିବାରେ ବହୁ ସମସ୍ୟା ସୃଷ୍ଟି ହେବାସହିତ ରାସ୍ତା ନଷ୍ଟ ହେଉଛି। ଏନେଇ ସ୍ଥାନୀୟ ଚାଷୀ ବହୁବାର ଜାରକା ସେଚ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ପ୍ରତିବର୍ଷ ଚାଷୀମାନେ ଜଳକର ଦେଉଥିବା ବେଳେ ଆବଶ୍ୟକ ଅନୁଯାୟୀ କେନାଲ ପାଣି ପାଇପାରୁନାହାଁନ୍ତି। ଫଳରେ ପାଣି ଅଭାବରୁ ଫସଲହାନୀ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଗୋଡ଼ାଇଲେ ଗ୍ରାହକ

ଧର୍ମଶାଳା (ଇମିସ): ବିନା ଅନୁମତିରେ ଘରେ ପଶି ବିଦ୍ୟୁତ୍ ବ୍ୟବହାର ଯାଂଚ କରୁଥିବା ଟାଟା କମ୍ପାନୀର କର୍ମଚାରୀଙ୍କୁ ବିଦ୍ୟୁତ୍ ଗ୍ରାହକମାନେ ଗାଳିଗୁଲଜ କରିବା ସହିତ ଘଉଡ଼ାଇ ଦେଇଛନ୍ତି। ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ପ୍ରକାଶ ଯେ, ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଯାଂଚ କରିବାପାଇଁ କେତେକ କର୍ମଚାରୀ ତାଙ୍କ ଘରେ ପଶିଥିଲେ। ବିନା ଅନୁମତିରେ ଅଜଣା ଲୋକମାନେ ହଠାତ୍ ଘର ଭିତରେ ପଶିଯିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଏହାକୁ ନେଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଗ୍ରାହକଙ୍କ ସଂପର୍କୀୟମାନେ ଘରୁ ତଡ଼ି ଦେଇଥିଲେ। ବିଦ୍ୟୁତ୍ କର୍ମଚାରୀଙ୍କ ମାତ୍ରାଧିକ କଟକଣା ଓ ଯାଂଚକୁ ନେଇ ଅନେକ ସମୟରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଜଣାପଡ଼ିଛି।

## ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧୨୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜାତୀୟ ଶିକ୍ଷା ନୀତି ୨୦୨୦ ସେମିନାର ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ସ୍ଥାନୀୟ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ତଥା ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ ଦିଗଦର୍ଶନରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜାତୀୟ ଶିକ୍ଷା ନୀତି-୨୦୨୦ କୁ ସଂକ୍ରାନ୍ତୀୟ ଏକ ସେମିନାର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଷଡଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ଉକ୍ତ କର୍ମଶାଳାକୁ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ବାଣିଜ୍ୟବିଭାଗର ଛାତ୍ରୀ ଗଣ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ଅଧ୍ୟାପିକା ସୁଶ୍ରୀ ଆରତୀ ଲୁଗୁନ ସ୍ୱାଗତ ଅଭିଭାଷଣ ପ୍ରଦାନକରିଥିଲେ । ସେମିନାରର ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରି ଜାତୀୟ ଶିକ୍ଷା ନୀତି କିପରି ଛାତ୍ରଛାତ୍ରୀ ମାନଙ୍କୁ ସହାୟକ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନୂତନ ଜାତୀୟ ଶିକ୍ଷାନୀତିର ମୁଖ୍ୟ ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ନୂତନ ଶିକ୍ଷାନୀତିରେ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଛାତ୍ରଛାତ୍ରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମିନାରର ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିକ୍ଷାବିତ ରବୀନ୍ଦ୍ର କୁମାର ମହାରଣା ଜାତୀୟ ଶିକ୍ଷା ନୀତି-୨୦୨୦ ର ପୃଷ୍ଠଭୂମି,ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ, ନୀତି, ସଂସ୍କାର, ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷାରେ ଅଣାଯାଇ ଥିବା ନୂତନ ପରିବର୍ତନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସହକାରୀ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗୀ ଓ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ଅକ୍ଷୟ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିକ୍ରମ ଦେବ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପିକା ମେଘା ଅଗ୍ରୱାଲ ସେମିନାରକୁ ସୁନ୍ଦରଭାବେ ସଂଯୋଜନା କରିଥିଲେ। ଅଧ୍ୟାପିକ ଦୀପ୍ତି ରେଖା ମିଶ୍ର, ଆରତୀ ଲୁଗୁନ ସେମିନାରରେ ଅଂଶ ଗ୍ରହଣ କରିବା ସହ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଯୁକ୍ତ ତିନି ବାଣିଜ୍ୟ ବିଭାଗ, ସମ୍ମାନର ୧୧ ଜଣ ଛାତ୍ରଛାତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ପ୍ରସ୍ତୁତ ସାରଗର୍ଭକ ସନ୍ଦର୍ଭ ପାଠ କରିଥିଲେ । ବାଣିଜ୍ୟ ବିଭାଗର ୬ ଜଣ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ନୂତନଭାବେ ନାମ ଲେଖାଇ ଥିବା ଯୁକ୍ତ ଦୁଇ ଓ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ପୁରାତନ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟ ତରଫରୁ କଲମ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶେଷରେ ବାଣିଜ୍ୟ ଅଧ୍ୟାପକ ବି.ଜି.ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଡୁମୁଲୁଗୁମ୍ମା ବିଏସଏଫ ତରଫରୁ ଜନ ସମ୍ପର୍କ ଅଭିଯାନ

ମାଲକାନଗିରି, (ପି.ଏନ): କୁଡୁମୁଲୁଗୁମ୍ମା ସ୍ଥିତ ୧୫୧ ବିଏସଏଫ ବାଟାଲିୟନ ତରଫରୁ ଚିଲିପଦର ଗ୍ରାମରେ ଜନ ସମ୍ପର୍କ ଅଭିଯାନ ଅନ୍ତର୍ଗତ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆଜିର ସ୍ୱତନ୍ତ୍ର ଜନ ସମ୍ପର୍କ ଅଭିଯାନରେ ୧୫୧ ବିଏସଏଫ ବାଟାଲିୟନର କମାଣ୍ଡାଂଟ ରବିନ୍ଦ୍ର ଠକ୍କର, କମ୍ପାନୀ କମାଣ୍ଡର ନୀରଜ ଶର୍ମା, ଇନ୍ସପେକ୍ଟର ଜଶୋବନ୍ତ ସାମଲ, କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ସ୍ଥାନୀୟ ଶିକ୍ଷକ କାଳନ୍ଦୀ ଚରଣ ରାଉତ, ସମାଜସେବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମରେ ଚିଲିପଦର ଓ ଏହାର ଆଖପାଖ ଅଂଚଳର ପାଖାପାଖି ୧୫୦ ରୁ ଉର୍ଦ୍ଧ୍ୱ ସ୍ଥାନୀୟ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏଥିରେ ପ୍ରାୟ ୭୧୦୦୦/- ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକାରର ଚାଷୀ ଉପକରଣ ଯଥା- କୋଡ଼ି, ଦାଆ, ଖୁରପା ପ୍ରଭୃତି ୧୦୧ ଜଣ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା ବେଳେ କ୍ରିଡାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କ୍ରିଡ଼ା ସାମଗ୍ରୀ ଯଥା- ଭଲିବଲ, ଫୁଟବଲ, ରିଙ୍ଗବଲ, କ୍ରିକେଟ ଉପକରଣ ଓ କ୍ରିଡାପଯୋଗୀ ଟି-ସାର୍ଟ ପ୍ରଭୃତି ପ୍ରଦାନ କରାଯାଇଛି । ଏହି ଗ୍ରାମରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ଖେଳିବା ପାଇଁ ମଧ୍ୟ କ୍ରିଡ଼ା ଉପକରଣ ମାନ ଦିଆଯାଇଥିଲା ।ଏହି ଅବସରରେ ବିଏସଏଫ କମାଣ୍ଡାଂଟ ଶ୍ରୀ ଠକ୍କର କହିଛନ୍ତି ଯେ, ସେ ଏହି ଅଂଚଳର ସୁରକ୍ଷା ସହିତ ଗ୍ରାମାଚଂଳରେ ବସବାସ କରୁଥିବା ଆଦିବାସୀ ସମୂହଙ୍କ ଅଭିବୃଦ୍ଧି ପାଇଁ ବିଭିନ୍ନ ସାମାଜିକ ଜନକଲ୍ୟାଣ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଛନ୍ତି, ଯାହା ଫଳରେ ବିଏସଏଫ ବର୍ତମାନ ଲୋକଙ୍କ ସେବା କାର୍ଯ୍ୟରେ ଯୋଡ଼ି ହେବାରଏକ ନୂତନ ସମ୍ଭାବନା ସୃଷ୍ଟି କରିପାରିଛି ।

# ଓକିଲଙ୍କ ଆନ୍ଦୋଳନ ବେଳେ ଉତ୍ତେଜନା : ପୁଲିସ - ଓକିଲ ମୁହାଁମୁହିଁ

ସମ୍ବଲପୁର, (ପି.ଏନ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର କଚେରି ଛକରେ ଓକିଲଙ୍କ ଆନ୍ଦୋଳନ ଚାଲିଥିବା ବେଳେ ଆଜି ସେଠାରେ ତୀବ୍ର ଉତେଜନା ପ୍ରକାଶ ପାଇଛି। ଏହି ଆନ୍ଦୋଳନ ବେଳେ ପୁଲିସ - ଓକିଲ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଭଳି ସ୍ଥିତି ଉପୁଜିଥିବା ବେଳେ ଓକିଲଙ୍କ ଟେଂଟ ଉପାଡ଼ି ଫିଙ୍ଗି ଦେଇଛି ପୁଲିସ । ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତେଜନା ଲାଗି ରହିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଅପରପକ୍ଷେ, କୋର୍ଟ କାର୍ଯ୍ୟରେ ଯୋଗଦେବା ନିମନ୍ତେ ଆସୁଥିବା ବିଚାରପତି ମଧ କାର୍ଯ୍ୟରେ ଯୋଗ ନ ଦେଇ ଫେରି ଯାଇଛନ୍ତି । ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ସପ୍ତାହର ପ୍ରତି ବୁଧବାର ସମ୍ବଲପୁର ବାର୍ କାଉନସିଲ ର ଓକିଲମାନେ କୋର୍ଟ କାର୍ଯ୍ୟ ବର୍ଜନ ସହ କୋର୍ଟ ସମ୍ମୁଖରେ ଆନ୍ଦୋଳନ କରିଥାନ୍ତି। ଏହି ଦିନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସବୁ ସରକାରୀ କାର୍ଯ୍ୟାଳୟ ବି ବନ୍ଦ ରହିଥାଏ। ଦୀର୍ଘ ଦିନ ଧରି ଏପରି ଆନ୍ଦୋଳନ ଚାଲୁ ରହି କୋର୍ଟ କାର୍ଯ୍ୟ ବ୍ୟାହତ ହେବା ଯୋଗୁ କିଛି ଦିନ ପୂର୍ବେ ବାର୍ କାଉନସିଲ ଉପରେ ବର୍ଷିଥିଲେ ସୁର୍ପିମକୋର୍ଟ। ଆନ୍ଦୋଳନ ପ୍ରତ୍ୟାହାର ନ ହେଲେ ବାର୍ କାଉନସିଲ୍ ଅଫ ଇଣ୍ଡିଆରୁ ସଂପୃକ୍ତ ଓକିଲଙ୍କ ଲାଇସେନ୍ସ ବାତିଲ୍ କରାଯିବ ବୋଲି ଚେତାବନୀ ମଧ ଦେଇଥିଲେ । ଆନ୍ଦୋଳନ ଯୋଗୁ ଲୋକେ ନ୍ୟାୟ ପାଇବାରୁ ବଂଚିତ ହେଉଥିବା ଦର୍ଶାଇ କୋର୍ଟ ଏହି ନିର୍ଦ୍ଦେଶ ଶୁଣାଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ସତ୍ୱେ ସମ୍ବଲପୁର ବାର୍ କାଉନସିଲ ପକ୍ଷରୁ ପୂର୍ବ ପରି ସବୁ ବୁଧବାର ଆନ୍ଦୋଳନ ଚାଲୁ ରହିଥିଲା। ଆଜି ସକାଳେ ଓକିଲଙ୍କ ସମେତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ମଧ ଆନ୍ଦୋଳନରେ ବସିଥିଲେ। ଏହି ସମୟରେ ବିଚାରପତିମାନେ କଚେରି ଛକରେ ପହଂଚି ପୁଲିସ ସୁରକ୍ଷା ବଳୟରେ କୋର୍ଟକୁ ଯିବାକୁ ଚାହିଁଥିଲେ। ମାତ୍ର ଓକିଲମାନେ ସେମାନଙ୍କ ରାସ୍ତା ଅବରୋଧ କରିବାରୁ ପୁଲିସ୍ ସେମାନଙ୍କୁ ତାଗିଦ୍ କରିଥିଲା। ପୁଲିସ୍ ବିଚାରପତିଙ୍କୁ କୋର୍ଟ ଭିତରକୁ ନେବାକୁ ତତ୍ପର ହେବାରୁ ପୁଲିସ ଓ ଆନ୍ଦୋଳନରତ ଓକିଲ ମୁହାଁମୁହିଁ ହୋଇଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଫୁଲବାଣୀ ଉପକଣ୍ଠ ରୁଜାଙ୍ଗି ଅଂଚଳରେ ଶୀତ ଋତୁରେ ପାନୀୟ ଜଳ ସମସ୍ୟା, ପ୍ରତିବାଦରେ ରାସ୍ତାରୋକ

କନ୍ଧମାଳ, (ପି.ଏନ): ପ୍ରଚଣ୍ଡ ଶୀତରେ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ପାଣି ପାଇଁ ଉତ୍ୟକ୍ତ ଲୋକେ ବୁଧବାର ବ୍ରହ୍ମପୁର - ଫୁଲବାଣୀ ଜାତୀୟ ରାଜପଥ ରୁଜାଙ୍ଗିଠାରେ ଗରା, ମାଠିଆ ବାଲଟି ରଖି ରାସ୍ତା ଅବରୋଧ କରିବା ଫଳରେ ବ୍ରହ୍ମପୁର, ବାଲିଗୁଡା, ରାୟଗଡା, ଆଦି ଯିବାକୁ ଥିବା ଗାଡି ମୋଟର ଆଦି ଅଟକି ରହିଛି ସକାଳୁ। ରୁଜାଙ୍ଗିରେ ୩ଟି ନଳକୂପ ଥିଲେ ବି ସବୁ ଗୁଡିକ ଅଚଳ ହୋଇପଡିଛି। ସେହିପରି ପାନୀୟ ଜଳ ପ୍ରକଳ୍ପ ମଧ ଅଚଳ। ମରାମତି କରିବା ପାଇଁ ବାରମ୍ବାର ଜଣାଇଥିଲେ ବି ସୁଫଳ ମିଳିଲାନି ଫଳରେ ଗତ ଚାରି ମାସ ହେଲା ପାନୀୟ ଜଳ ସୁବିଧା ନପାଇ ହନ୍ତସନ୍ତ ହେଉଥିଲେ ରୁଜାଙ୍ଗି ଗ୍ରାମବାବାସୀ। ଫଳରେ ବାଧ ହୋଇ ରାସ୍ତା ଅବରୋଧ କରିବାକୁ ପଡିଲା ବୋଲି ଗ୍ରାମର ଶିବାଣିନୀ ବେହେରା, ସୁକୁମାରୀ ବେହେରା କହିଛନ୍ତି । ଖବର ପାଇ ପୋଲିସ, ତହସିଲଦାର, ବିଡ଼ିଓ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ, ସରପଂଚ ପ୍ରମୁଖ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଓ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରେ ଗ୍ରାମବାସୀ ମାନେ ପୂର୍ବରୁ ଜଣାଇଥିଲେ ପାନୀୟଜଳ ସମସ୍ୟା ସମାଧାନ ହୋଇପାରିଥାନ୍ତା । ବର୍ତମାନ ଅତି ଶୀଘ୍ର ସେମାନଙ୍କ ସମସ୍ୟା ଦୂର କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ. ବି.କେ. ଦାଶ କହିଛନ୍ତି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁଷ୍କର୍ମକାରୀଙ୍କୁ ୧୦ବର୍ଷ ଜେଲ, ୨୫ ହଜାର ଜରିମାନା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ଜମ୍ବୁ ଗ୍ରାମର ଜଣେ ଦୁଷ୍କର୍ମକାରୀଙ୍କୁ କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ୧୦ବର୍ଷ ଜେଲ ଓ ୨୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ୨୦୦୯ ମସିହା ମାର୍ଚ୍ଚ ୨ ତାରିଖ ରାତି ୧୨ଟା ସମୟରେ ସେହି ଗ୍ରମାର ଜଣେ ମହିଳା ଘରେ ଏକୁଟିଆ ଥିବାବେଳେ ତାଙ୍କ ସ୍ୱାମୀ ମାଛ ମାରିବାକୁ ଯାଇଥିଲେ । ଏହାରି ସୁଯୋଗରେ ସେହି ଗ୍ରାମର ବାସୁ ଦାସ ବୟସ ୪୪ ମିଛ ବାହାନା କରି କଣ ଗୋଟିଏ କାମୁଡି ଦେଲା କହି ସଂପୃକ୍ତ ମହିଳାଙ୍କ ଘର କବାଟ ବାଡେଇ ଖୋଲିବା ପାଇଁ କହିଥିଲା ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ□ାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ□ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋିପଡିଛି। ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି, ନଇବୁଗା ଆଦି ୧୦ଟି ସାହି ବିଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ□ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ□ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ□ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ, ମଦନ ମୋହନ ବେହେରା, ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ□ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅ□ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।




MAHARISHI PUBLIC SCHOOL

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

Bhubaneswar Thursday December 01, 2022 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୦୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# କିଟ୍‌କୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,(ପି.ଏନ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ କିଟ୍‌କୁ ଚଳିତବର୍ଷର ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ାର ବିକାଶ ଓ ପ୍ରୋତ୍ସାହନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ଥିବା କର୍ପୋରେଟ୍, ବିଭିନ୍ନ ସ୍ପୋର୍ଟସ କଣ୍ଟ୍ରୋଲ୍ ବୋର୍ଡ, ଏନ୍‌ଜିଓଙ୍କ ସମେତ ରାଜ୍ୟ ଓ ଜାତୀୟସ୍ତରରେ ଥିବା କ୍ରୀଡ଼ା ଅନୁଷ୍ଠାନଗୁଡ଼ିକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଖୁସି ବ୍ୟକ୍ତ କରିବା ସହ ଅତୀତର ସ୍ମୃତିଚାରଣ କରି ଶ୍ରୀ ସାମନ୍ତ କହିଲେ କିଟ୍ ଆରମ୍ଭ ହେବା ଦିନଠାରୁ କ୍ରୀଡ଼ା ପ୍ରତି ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଆଜିର ଏହି ଜାତୀୟସ୍ତରର ପୁରସ୍କାର ମିଳିଛି। ଶିକ୍ଷା ସହ କ୍ରୀଡ଼ା, କ୍ରୀଡ଼ାବିତ୍ ଓ କ୍ରୀଡ଼ା ଭିତ୍ତିଭୂମିକୁ ଆମେ ସୁଦୃଢ଼ କରିଆସୁଛୁ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାକୁ ପ୍ରୋତ୍ସାହନ ଯୋଗାଇ ଦେବା ଫଳରେ କିଟ୍ ମଧ୍ୟ ଏଥିରେ ଉତ୍ସାହିତ ହୋଇ କ୍ରୀଡ଼ାକୁ ଆହୁରି ଆଗେଇ ନେବା ପାଇଁ ଚେଷ୍ଟା କରୁଛି। ଏହି ପୁରସ୍କାର କିଟ୍ ପାଇଁ ଗର୍ବ ଓ ଆନନ୍ଦର ବିଷୟ ବୋଲି ଶ୍ରୀ ସାମନ୍ତ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିବା ସହ ଏହି ପୁରସ୍କାରକୁ ସେ କିଟ୍‌ର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗ କରିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କିଟ୍ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛି। ଫଳରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶିବପାଲ ସିଂହ, ଅମିତ ରୋହିଦାସ ଓ ଅଶି ଚାଳକ ଭବାନୀ ଦେବୀଙ୍କ ଭଳି ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିଛନ୍ତି। ଅତ୍ୟାଧୁନିକ ଓ ଉନ୍ନତ କ୍ରୀଡ଼ା ଭିତ୍ତିଭୂମିଠାରୁ ଆରମ୍ଭ କରି ଅଲିମ୍ପିଆନ୍ ସୃଷ୍ଟି କରି କିଟ୍ ସମଗ୍ର ବିଶ୍ୱରେ ନାଁ କମେଇ ପାରିଛି। ଆଜି କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ କିଟ୍‌କୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇଥିବାରୁ କିଟ୍‌ର ସମସ୍ତ ଛାତ୍ରଛାତ୍ରୀ, ଖେଳାଳି ଓ କର୍ମଚାରୀମାନେ ଆନନ୍ଦ ପ୍ରକାଶ କରିଛନ୍ତି।

## ମଧୁବନ ଲୁଟ ମାମଲାରେ ୩ ଅଭିଯୁକ୍ତ ଗିରଫ

ପାରାଦୀପ,(ପି.ଏନ): ଗତ ୬ତାରିଖ ବିଳମ୍ବିତ ରାତିରେ ପାରାଦୀପ କେନ୍ଦ୍ରୟ ବିଦ୍ୟାଳୟ ନିକଟରେ ହୋଇଥିବା ଲୁଟ ଘଟଣାରେ ପାରାଦୀପ ଆଦର୍ଶ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଥାନା ଅ'ର୍ଗତ ବରଜ ଗ୍ରାମର ବିମଳ ରାୟ(୨୮), ରାମନଗର ବାଲିପାଟ ଗ୍ରାମର ସୁଜୟ ବିଶ୍ୱାଳ ଓରଫ ଲାଲୁ (୨୮) ଓ ବିଶ୍ୱଜିତ ବିଶ୍ୱାଳ ଓରଫ ହଗୁ (୩୩) ଗତ ୬ ତାରଖ ରାତି ୧୦.୩୦ ବେଳେ ପାରାଦୀପ ମାର୍କେଟର ବ୍ୟବସାୟୀ ସୁବାସ ଚନ୍ଦ୍ର ନାୟକ ଘରକୁ ଫେରୁଥିବା ବେଳେ କେନ୍ଦ୍ରିୟ ବିଦ୍ୟାଳୟ ନିକଟରେ ଅଟକାଇ ତାଙ୍କ ଠାରୁ ମୋବାଇଲ ଓ ସୁନାଚେନ ଲୁଟି ନେଇଥିଲେ । ଅଭିଯୁକ୍ତଙ୍କ ବଜାଜ ପଲସର ଓଡି-୨୧-ଜେ- ୯୯୨୪କୁ ଜବତ କରିବା ସହ ପାରାଦୀପ ଥାନାରେ ୩୬୩ ଧାରାରେ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଥିବା ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି ।



ଜଗତସିଂହପୁରସ୍ଥ ଶ୍ରୀଶ୍ରୀ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନ ତରଫରୁ ପଞ୍ଚସଖା ସାଧକ ଯଶୋବନ୍ତ ଦାସ ଶ୍ରାଦ୍ଧୋତ୍ସବରେ ତେଜସ୍ୱିନୀ ପଣ୍ଡାଙ୍କୁ ଯୋଜନା ବୋର୍ଡ଼ ସଦସ୍ୟ ପ୍ରସନ୍ନ କୁମାର ପାଟ୍ଟସାଣୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି

# ପାରାଦୀପରେ ବ୍ରାଉନ ସୁଗାର ସହ ୨ ଗିରଫ

ପାରାଦୀପ,(ପି.ଏନ): ପାରାଦୀପର ବାଉରିଆପାଳନ୍ଦା ଠାରେ ବ୍ରାଉନ ସୁଗାର ବିକ୍ରି କରୁଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ କୁଜଙ୍ଗ ନିକଟସ୍ଥ କାଳିଆପାଟ ଗ୍ରାମର ନରେଶ ବାରିକ ଓରଫ ପାଗଳ (୨୨) ଓ ଅନୁଗୁଳ ଜିଲ୍ଲାର ସମଲ ଥାନା ଅନ୍ତର୍ଗତ ପାରାବିଲ ଗ୍ରାମର ମନୋଜ ମାଝି(୨୦) ଓରଫ ଟୁଟୁ କୁ ୬ ଗ୍ରାମ ବ୍ରାଉନ ସୁଗାର ସହ ଗିରଫ କରିଛି । ଅଭିଯୁକ୍ତ ବ୍ୟବହାର କରୁଥିବା ଓଡି-୩୫-ଡି-୮୧୬୭ ପଲସର ମୋଟର ସାଇକେଲ ଜବତ କରାଯାଇଛି । ଅଭିଯୁକ୍ତ ଦ୍ୱୟଙ୍କୁ ୩୯୩ ଧାରା ମାମଲାରେ କୋର୍ଟ ଚାଲଣ କରାଯାଇଥିବା ପାରାଦୀପ ଆଦର୍ଶ ଥାନା ପକ୍ଷରୁ ପ୍ରକାଶ ।

## ପ୍ରଜାପିତା ବ୍ରହ୍ମା କୁମାରୀ ପକ୍ଷରୁ ଚଣ୍ଡିଖୋଲ ବଜ଼ାର ସଫେଇ

ଚଣ୍ଡିଖୋଲ, (ପିଏନ): ଦୀର୍ଘ ଦିନ ଧରି ଚଣ୍ଡିଖୋଲ ବଜାରରେ ଆବର୍ଜନା ପୁର୍ଣ ହେଇଥିଲେ ମଧ ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟ ହେଇପାରିନଥିଲା। ପ୍ରଜାପିତା ବ୍ରହ୍ମ କୁମାରୀ ବଡ଼ଚଣା ଶାଖା ପକ୍ଷରୁ ଆଜି ଚଣ୍ଡିଖୋଲ ଛକରେ ବ୍ରହ୍ମା କୁମାର ଭାଇ କୁନାନନ୍ଦଙ୍କ ଉଦ୍ୟମ ଓ ସହଯୋଗରେ ଶତାଧିକ ପ୍ରଜାପିତା ବ୍ରହ୍ମ କୁମାରୀ ଭାଇମାନେ ଚଣ୍ଡିଖୋଲ ଛକ ସଫା କରିଥିଲେ।ଏକ ମେସିନ ସାହାଯ୍ୟରେ ଅଧିକ ଅଳିଆ ଗଛିତ ଥିବା ସ୍ଥାନରୁ ମେସିନ ଶଯ୍ୟାରେ ଉଠାଇ ଅନ୍ୟତ୍ର ପକାଯାଇଥିଲା.ବିଶେଷକରି ଟ୍ରାଫିକ ପଏଣ୍ଟରୁ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ବହୁଦିନ ଧରି ଆବର୍ଜନାରେ ଭରି ରହିଥିଲା ଓ ସେହି ଆବର୍ଜନାକୁ ଆଜି ସଫା କରାଯାଇଥିବାରୁ ପ୍ରଜାପିତା ବ୍ରହ୍ମ କୁମାରୀର ସମସ୍ତ ସଦସ୍ୟଙ୍କୁ ସାଧାରଣରେ ପ୍ରଶଂଶା କରାଯାଇଛି।ଏଥିରେ ବ୍ରହ୍ମା କୁମାରସରୋଜ ଭାଇ ଶୁଭାଶିଷ, ପ୍ରଦୀପ, ପ୍ରଫୁଲ୍ଲ, ଦୟାନିଧି, ସୁକାନ୍ତ, ଦୀନବନ୍ଧୁ ସମେତ ଅନେକ ଭାଇମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

# ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର,(ପି.ଏନ): ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଡ଼ଃ. ସୁରେଶ ଚନ୍ଦ୍ର ଦଳେଇ ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲାର ନିର୍ବାଚନ ଓ ରାଜସ୍ୱ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ଉଲୁଣ୍ଡା ଫାଇଭ-ଟି ଉଚ୍ଚ ବିଦ୍ୟାଳୟ ସହ ଉଦେପଦର ଓ ନାଏକପଡା ସ୍କୁଲ ସ୍ଥିତ ବୁଥ୍ ଗୁଡିକର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ଏ.ବି.ଡି.ଓ. ଉଲୁଣ୍ଡା ଶୁଭ୍ରାଂଶୁ ମଲ୍ଲିକ, ବି.ଏସ.ଏସ.ଓ. କ୍ଷୀରୋଦ୍ର ଭୂଷଣ ରାଏଙ୍କ ସମେତ ସୁପରଭାଇଜର, ବି.ଏଲ.ଓ. ଓ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଡ଼ଃ. ଦଳେଇ ଉପସ୍ଥିତ ଅଧିକାରୀଙ୍କ ସହ ସ୍କୁଲର ଭିତିଭୂମି, ଶିକ୍ଷାଦାନ ତଥା ଶିକ୍ଷାର ଗୁଣାତ୍ମକ ମାନ ଓ ଅନୁଷ୍ଠାନର ବାର୍ଷିକ ଫଳାଫଳ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପରେ ପରେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜନୈତିକ ଦଳର ନେତା /ପ୍ରତିନିଧିଙ୍କ ସହ ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣର ସ୍ଥିତି ଓ ଅଗ୍ରଗତି ଓ ଆଧାର ସଂଯୋଗୀକରଣ ଉପରେ ବିଶେଷ ଆଲୋଚନା କରି ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣକୁ ଶତ ପ୍ରତିଶତ ସଫଳ କରିବାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଆନ୍ତରିକ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।ଏହି ଆଲୋଚନା ବୈଠକରେ ବିଜେଡି ଦଳରୁ କଇଁରୁ ସ୍ୱାଇଁ, ବିଜେପି ଦଳରୁ ସୁଶାନ୍ତ କୁମାର ସାହୁ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଶେଷଦେବ ମେହେର, ଏସ.ୟୁ.ସି.ଆଇ. ରୁ ଗୋବିନ୍ଦ ମହାରଣା, ବି.ଏସ.ପି. ରୁ ଅନିଲ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ। ତତ୍ପରେ ଜିଲ୍ଲାର ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ଉପରେ ରାଜସ୍ୱ ଆୟୁକ୍ତ ଡ଼ଃ. ଦଳେଇ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ସେ ଉପସ୍ଥିତ ରାଜସ୍ୱ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟକ୍ରମ ଗୁଡିକୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମୟ ଅବଧିରେ ସମ୍ପୂର୍ଣ୍ଣ କରିବା, ସରକାରଙ୍କ ବିଭିନ୍ନ ବିଭାଗୀୟ ଅଦେଶାନାମାକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ତଥା ବିଭିନ୍ନ ତଥ୍ୟ ପ୍ରଦାନକୁ ସମୟ ମଧ୍ୟରେ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଏହି ଅବସରରେ ରାଜସ୍ୱ ବିଭାଗ ତରଫରୁ କାର୍ଯ୍ୟକାରୀ ମ୍ୟୁଟେସନ କେସ, ହାଇଟେକ ସର୍ଭେ, ବେ- ବନ୍ଦୋବସ୍ତ ବ୍ୟବସ୍ଥା ତଥା ନୂତନ ନିର୍ମାଣ ହେବାକୁ ଥିବା ଆର.ଆଇ. କାର୍ଯ୍ୟାଳୟ, ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଗୁଡିକର ସ୍ଥିତି ଓ ଅଗ୍ରଗତି ଉପରେ ପଚାରି ବୁଝିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି।ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେ, ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ଡେପୁଟି କଲେକ୍ଟର ଆନନ୍ଦ ଚନ୍ଦ୍ର ପଣ୍ଡା, ଅଭିଳାଷ ପୁରୋହିତ, ଶ୍ରୀମତୀ ଯଶସ୍ୱୀନୀ ପୃଥାଲଙ୍କ ସମେତ ସମସ୍ତ ତହସିଲଦାର, ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଞ୍ଚଳିକ କାର୍ଯ୍ୟାଳୟରେ ଗଣ୍ଡଗୋଳ ଅଭିଯୋଗରେ ଜଣେ ଗିରଫ

ଚଣ୍ଡିଖୋଲ, (ପିଏନ)-ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଗଣ୍ଡଗୋଳ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଚଣ୍ଡିଖୋଲ ପୋଲିସ ଗିରଫ କରିଥିବା ଜଣାଯାଇଛି.ଗିରଫ ବ୍ୟକ୍ତି ଜଣକ ଧର୍ମଶାଳା ଥାନା କାଇମା ଅଂଚଳର ଆନନ୍ଦ କିଶୋର ସାହୁ (୫୨) ବୋଲି ଜଣାଯାଇଛି। ଆନନ୍ଦ ପରିବହନ କାର୍ଯ୍ୟାଳୟରେ କିଛି କର୍ମଚାରୀଙ୍କୁ ଗାଳିଗୁଲଜ କରୁଥିବା ନେଇ ପରିବହନ ଅଧିକାରୀ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ.ବଡ଼ଚଣା ଥାନା ପୋଲିସ ଆନନ୍ଦକୁ ପରିବହନ କାର୍ଯ୍ୟାଳୟ ନିକଟରେ ଗିରଫ କରିଥିଲେ।ଏନେଇ ୩୬୧/୨୦୨୨ରେ ବଡ଼ଚଣା ଥାନା ମାମଲା ରୁଜୁ କରି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଜଣାଯାଇଛି.ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୁଶୀଲ କୁମାର ନାୟକ କହିଛନ୍ତି।

# ପାରାଦୀପରେ ଷଣ୍ଡକୁଦ ନାଗରିକ ବିକାଶ ପରିଷଦର ନୂତନ କାର୍ଯ୍ୟାଳୟ ଉଦଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ପୌରାଂଚଳର ଷଣ୍ଡକୁଦ ବସ୍ତି ନିକଟରେ ଏବେ ଗଢି ଉଠୁଛି ଆସାମର ନୁମାଲିଗଡ ତୈଳ ବିଶୋଧନାଗାରର ତୈଳ ଭଣ୍ଡାର ପ୍ରକଳ୍ପ । ଏହି କମ୍ପାନୀରେ ବସ୍ତିର ବେକାରୀ ନିଯୁକ୍ତି ଓ କର୍ମସଂସ୍ଥାନ ଯୋଗାଇବାର ଦାବି ନେଇ ଗଢି ଉଠିଛି ନୂତନ ସଂଗଠନ ଷଣ୍ଡକୁଦ ନାଗରିକ ବିକାଶ ପରିଷଦ । ଏହି ପରିପ୍ରେକ୍ଷିରେ ଷଣ୍ଡକୁଦ ବସ୍ତିରେ ସଂଗଠନର ଏକ ନୂତନ କାର୍ଯ୍ୟାଳୟ ବୁଧବାର ମଧ୍ୟାହ୍ନରେ ଉଦଘାଠିତ ହୋଇଯାଇଛି । ଯୁବନେତା ଦିପକ ବେହେରା, କେ. ରାମବାବୁ ଓ ଅନ୍ୟ ନେତୃତ୍ୱଙ୍କ ଦ୍ୱାରା ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପାରାଦୀପର ଜଣାସୁଣା ଶ୍ରମିକ ନେତା ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକ, ପାରାଦୀପ ବିଜେଡି ଦଳ ଉପସଭାପତି କୁମରବର ନାୟକଙ୍କ ସମେତ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି



ରଶ୍ମି ରଂଜନ ପରିଡା, ପୂର୍ବତନ ପାରିଷଦ ମାନଓ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହ ସାମୁହିକ ଏହି ସ୍ୱାର୍ଥ ଲଢେଇରେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବସ୍ତି ବାସିନ୍ଦାଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି କ୍ଷେତ୍ରରେ କମ୍ପାନୀ ଯଦି ଅବହେଳା ପଦର୍ଶନ କରେ ତେବେ ସମସ୍ତ ବସ୍ତି ବାସିନ୍ଦା ଏକତ୍ରିତ ହୋଇ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବେ ବୋଲି ବିକାଶ ପରିଷଦର ମୁଖ୍ୟ ଦିପକ ବେହେରା ଓ ରାମବାବୁ ସତର୍କ କରାଇଛନ୍ତି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray